READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ ସଂଖ୍ୟା-୯ ୧୦ - ୧୬ ମାର୍ଚ୍ଚ, ୨୦୨୫ ଭୁବନେଶ୍ୱର Monday Weekly VOL-9 ISSUE-9 10th - 16th MARCH, 2025 BHUBANESWAR ₹ 5/- (8 Pages)

## ବଢୁଛି କିଟ୍ ଓ ଅଚ୍ୟୁତଙ୍କ ଅଡୁଆ



**ଭୁବନେଶ୍ୱର :** ବଢୁଛି କିଟ୍ ଓ ଅଚ୍ୟୁତଙ୍କ ଅଡୁଆ। ଚାଲିଛି ଏନ୍‌ଏଚ୍‌ଆରସିର ମାରାଥନ ଜେରା। ରାଜ୍ୟ ଅତିଥି ଭବନରେ କିଟ୍ କର୍ମଚାରୀଙ୍କୁ କରାଯାଉଛି ପଚରାଉଚରା। କିଟ୍‌ରେ ମାନବାଧିକାର ଉଲ୍ଲଂଘନ ନେଇ ରହିଛି ମଜଭୁତ ପ୍ରମାଣ। ମୃତ ନେପାଳୀ ଛାତ୍ରୀଙ୍କ ସହପାଠୀ ବି ଏନ୍‌ଏଚ୍‌ଆରସି ଆଗରେ ରଖିଲେ ବୟାନ। କିଟ୍‌ର ଆଉ ୩ କର୍ମଚାରୀଙ୍କୁ ଉଚ୍ଚସ୍ତରୀୟ କମିଟି ଆଗରେ ହାଜର ଲାଗି ନୋଟିସ। ଗୁରୁବାର କିଟ୍ କ୍ୟାମ୍ପସରେ ଏନ୍‌ଏଚ୍‌ଆରସି ଟିମର ୫ ଘଣ୍ଟିଆ ତନାଘନା ପରେ ଶୁକ୍ରବାର ରାଜ୍ୟ ଅତିଥି ଭବନରେ ଚାଲିଥିଲା ମାରାଥନ ଜେରା। ହାଜର ହୋଇଥିଲେ କିଟ୍‌ର ଜଣେ ପରେ ଜଣେ ଅଧିକାରୀ। ପ୍ରଥମେ ହାଜର ହୋଇଥିଲେ ଦୁଇ ମହିଳା ଅଧିକାରୀ। ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଓ କିଟରେ ନେପାଳ ଛାତ୍ରଛାତ୍ରୀଙ୍କୁ ମାଡ଼ ମରାଯିବା ସହ ନିର୍ଯାତନା ଦିଆଯିବା ନେଇ ଦୁଇ ଘଣ୍ଟାରୁ ଅଧିକ ସମୟ ଜେରା କରିଥିଲା ଏନ୍‌ଏଚ୍‌ଆରସି ଟିମ୍। ଏହାପାରେ ମାମଲାର ତଦନ୍ତ କରୁଥିବା ଇନଭେଷ୍ଟିଗେଟିଂ ଅଫିସରଙ୍କ ଠାରୁ ବି ତଦନ୍ତର ଅଗ୍ରଗତି ନେଇ ରିପୋର୍ଟ ମାଗିଥିଲେ ଜାତୀୟ ମାନବାଧିକାର କମିଶନ ଟିମ୍। ପରେ ମୃତ ଛାତ୍ରୀ ପ୍ରକୃତିଙ୍କ ସହପାଠୀ ଜଣେ ଛାତ୍ରୀ ଓ ୪ ଛାତ୍ରଙ୍କୁ ଡାକି ପଚରାଉଚୁରା କରିଥିଲେ। କିଟରେ ଫେବ୍ରୁଆରୀ ୧୭ ଓ ୧୮ ତାରିଖରେ ହୋଇଥିବା ନାରକୀୟ କାଣ୍ଡ ବିଷୟରେ ଗୋଟି ଗୋଟି କରି ➤ ପୃ-୬

## 'କ୍ଷମତାର ଅପବ୍ୟବହାର କରନି'



**ଭୁବନେଶ୍ୱର :** ପୁଲିସ ଚାକିରିରେ ନିଜର ବ୍ୟକ୍ତିଗତ ଜୀବନରେ ଅନେକ ତ୍ୟାଗ ଦେବାକୁ ପଡିଥାଏ। ସାଧାରଣତ ଗରିବ, ମହିଳା ଏବଂ ପିଲାମାନଙ୍କର ସୁରକ୍ଷା ପୁଲିସ ଉପରେ ନିର୍ଭର କରେ। ୟୁନିଫର୍ମ ସର୍ଭିସ୍‌କୁ ଗର୍ବ ଏବଂ ଜନସାଧାରଣଙ୍କ ସେବାର ଏକ ମାଧ୍ୟମ ଭାବେ ଗ୍ରହଣ କରିବାକୁ ଆପଣମାନଙ୍କୁ ସଦା ସର୍ବଦା ପ୍ରସ୍ତୁତ ହେବାକୁ ପଡିବ ଓ ସାଧାରଣ ଲୋକମାନଙ୍କର ବିଶ୍ୱାସ ଭାଜନ ହେବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡ଼େମୀରେ ଅନୁଷ୍ଠିତ ୮ମ ଉପ-ଆରକ୍ଷୀ ଅଧିକ୍ଷକ ଓ ୧୨ତମ ଆରକ୍ଷୀ ଉପ-ନିରୀକ୍ଷକ ଶିକ୍ଷାନବୀଶ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହା କହିଛନ୍ତି। ଅନୁଷ୍ଠିତ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୁଲିସ ଏକାଡ଼େମୀ ପଡିଆରେ ସମ୍ମିଳିତ ପାସିଙ୍ଗ ଆଉଟ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବା ସହିତ ମୌଳିକ ତାଲିମ ସମ୍ପୂର୍ଣ୍ଣ କରିଥିବା ୪ ଜଣ ଉପ-ଆରକ୍ଷୀ ଅଧିକ୍ଷକ ଓ ୧୭୧ ଜଣ ଆରକ୍ଷୀ ଉପ-ନିରୀକ୍ଷକ ଶିକ୍ଷାନବୀଶମାନଙ୍କ ମଧ୍ୟରୁ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଶିକ୍ଷାନବୀଶମାନଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷାନବୀଶମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ➤ ପୃ-୬

### ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

## ବେଆଇନ୍ ଖଣି ଖନନ ଉପରେ ଲାଗିବ ରୋକ୍



**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କ ସମେତ ରାଜ୍ୟ ପ୍ରଶାସନ ଏବଂ ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି ଏବଂ ଡିଆଇଜିମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଗତ ଡିସେମ୍ବର ୨୦୨୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ମୁଖ୍ୟ ଶାସନ ସଚିବମାନଙ୍କ ୪ର୍ଥ ଜାତୀୟ ସମ୍ମିଳନୀ, ଗତ ନଭେମ୍ବର-ଡିସେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ତିନି ଦିନିଆ ୫୯ତମ ଡିଜିପି-ଆଇଜିପି ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତିର ଜିଲା ସଂପର୍କିତ କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରିଥିଲେ। ଡିଡିପି-ଆଇଜିପି ସମ୍ମିଳନୀରେ ପ୍ରସ୍ତାବିତ ୧୦୮ଟି ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ସଂପର୍କରେ ➤ ପୃ-୬

### ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ଶୁଣାଇଲେ ସୁପ୍ରିମ୍‌କୋର୍ଟ

## ସହମତିରେ ସମ୍ପର୍କ ଦୁଷ୍କର୍ମ ନୁହେଁ



**ନୂଆଦିଲ୍ଲୀ :** ଦୁଷ୍କର୍ମ ମାମଲାର ରାୟ ଦେବା ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଯଦି ଜଣେ ମହିଳା ଦୀର୍ଘ ସମୟ ଧରି ଜଣେ ପୁରୁଷଙ୍କ ସହ ଲିଭ-ଇନ୍ ସମ୍ପର୍କରେ ଅଛନ୍ତି, ତେବେ ସେ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବାର ଅଭିଯୋଗ କରିପାରିବେ ନାହିଁ। ଏନେଇ କୋର୍ଟ କହିଛନ୍ତି ଯେ ଯଦି ଉଭୟ ଦୀର୍ଘ ସମୟ ଧରି ଏକାଠି ରହୁଛନ୍ତି, ତେବେ ପୁରୁଷଙ୍କୁ ଦୁଷ୍କର୍ମ ଅଭିଯୋଗ କରାଯାଇପାରିବ ନାହିଁ କାରଣ ଏପରି କ୍ଷେତ୍ରରେ ଏହା ନିର୍ଣ୍ଣୟ କରିବା କଷ୍ଟକର ଯେ ଶାରୀରିକ ସମ୍ପର୍କ ପଛରେ କାରଣ କେବଳ ବିବାହର ପ୍ରତିଶ୍ରୁତି ଥିଲା କି ନାହିଁ। ସୁପ୍ରିମକୋର୍ଟ ଜଣେ ବ୍ୟାଙ୍କ ମ୍ୟାନେଜର ଏବଂ ଜଣେ ଅଧ୍ୟାପକଙ୍କ ସହ ଜଡିତ ଏକ ମାମଲାରେ ଏହି ମନ୍ତବ୍ୟ ଦେଇଛନ୍ତି। ଅଧ୍ୟାପିକା ଜଣକ ଗତ ୧୬ ବର୍ଷ ଧରି ବ୍ୟାଙ୍କ ମ୍ୟାନେଜରଙ୍କ ସହ ସମ୍ପର୍କରେ ଥିଲେ। ସେ ତାଙ୍କ ପାର୍ଟନରଙ୍କ ➤ ପୃ-୬

## ୧୦ ମାସ ହେଲା ଲୋକାୟୁକ୍ତ ଅଚଳ




**ଭୁବନେଶ୍ୱର :** ପ୍ରାୟ ୧୦ ମାସ ହେଲା ଅଚଳ ହୋଇପଡ଼ିଛି ଓଡ଼ିଶା ଲୋକାୟୁକ୍ତ। ଦୁର୍ନୀତି ନିବାରଣ ପାଇଁ ଗଢ଼ାଯାଇଥିବା ଅର୍ଦ୍ଧନ୍ୟାୟିକ ସଂସ୍ଥା- ଓଡ଼ିଶା ଲୋକାୟୁକ୍ତରେ ୨୦୨୪ ଅଗଷ୍ଟ ୭ ତାରିଖରୁ ଜଣେ ବି ସଦସ୍ୟ ନାହାନ୍ତି। ଅର୍ଥାତ୍ ୭ ମାସ ହେଲା ସଦସ୍ୟଶୂନ୍ୟ ହୋଇପଡ଼ିଛି ଓଡ଼ିଶା ଲୋକାୟୁକ୍ତ। ତୋଷାଳୀ ପ୍ଲାଜାରେ ଥିବା ଓଡ଼ିଶା ଲୋକାୟୁକ୍ତ ଅଫିସରେ କେବଳ ବସି ବସି ଦରମା ନେଉଛନ୍ତି ପ୍ରାୟ ୫୦ କର୍ମଚାରୀ। ସୂଚନା ଅଧିକାର ଆଇନରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମାର୍ଚ୍ଚ ୪ ତାରିଖରେ ମିଳିଥିବା ଉତ୍ତର ଅନୁଯାୟୀ, ଲୋକାୟୁକ୍ତ ସଦସ୍ୟ ଚୟନ ପାଇଁ ପୂର୍ବରୁ ଗତ ବର୍ଷ ଫେବ୍ରୁଆରୀ ୧୩ ଓ ମାର୍ଚ୍ଚ ୨୮ରେ ଦୁଇଟି ବୈଠକ ବସିଥିଲା। ଏଥିରେ ଚୟନ କମିଟିର ସଦସ୍ୟ ଥିବା ମୁଖ୍ୟମନ୍ତ୍ରୀ, ବିଧାନସଭା ବାଚସ୍ପତି, ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟଜଣେ ପ୍ରଖ୍ୟାତ ଆଇନଜ୍ଞ ଯୋଗ ଦେଇଥିବାବେଳେ ସେତେବେଳର ବିରୋଧୀ ଦଳ ନେତା (ଜୟନାରାୟଣ ମିଶ୍ର) ଯୋଗ ଦେଇ ନଥିଲେ। ତେବେ ପୁଣି ଥରେ ନୂଆ ସରକାର ମନୋନୟନ କମିଟି ଗଢ଼ିବାକୁ ପଦକ୍ଷେପ ନେଉଛନ୍ତି। ଦୁର୍ନୀତି ସଂକ୍ରାନ୍ତ ମାମଲାର ତୁରନ୍ତ ଫଏସଲା ପାଇଁ ଦେଶରେ ଗଢ଼ାଯାଇଥିଲା ଲୋକପାଳ ଆଉ ରାଜ୍ୟରେ ଲୋକାୟୁକ୍ତ। ୨୦୧୪ ମସିହାରେ ପାସ୍ ହୋଇଥିଲା ଓଡ଼ିଶା ଲୋକାୟୁକ୍ତ ଆଇନ। ଓଡ଼ିଶା ଲୋକାୟୁକ୍ତ ଆଇନରେ ଜଣେ ଅଧ୍ୟକ୍ଷଙ୍କ ସହ ୫ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ଥିଲା। ମାତ୍ର ପୂର୍ବରୁ କେବଳ ୪ ଜଣରେ ଚାଲିଥିଲା ଓଡ଼ିଶା ଲୋକାୟୁକ୍ତ। ଲୋକାୟୁକ୍ତର ପ୍ରଥମ ଅଧ୍ୟକ୍ଷ ଥିଲେ ଗୌହାଟି ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅଜିତ ସିଂହ। ସେ ୨୦୨୪ ମାର୍ଚ୍ଚ ୧୯ ତାରିଖରୁ ଅବସର ନେଲା ପରେ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ଅଧ୍ୟକ୍ଷ ପଦରୁ ➤ ପୃ-୬

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଖାଲିପଡିଛି ବହୁ ପଦବୀ



**ଭୁବନେଶ୍ୱର :** ଉତ୍କଳ ବିଶ୍ୱବିଦ୍ୟାଳୟରେ ୫୫ ପ୍ରତିଶତରୁ ଅଧିକ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ଖାଲି ରହିଛି, ଯାହା ଏହି ପ୍ରତିଷ୍ଠାନରେ କର୍ମଚାରୀ ଅଭାବକୁ ସ୍ପଷ୍ଟ କରୁଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅନୁଯାୟୀ, ବିଭିନ୍ନ ବିଭାଗରେ ୨୩୮ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ମଧ୍ୟରୁ କେବଳ ୧୦୫ଟି ପୂରଣ ହୋଇଛି, ଯାହା ଫଳରେ ➤ ପୃ-୬

## ବକ୍ରବାଣୀ



ଯେତେବେଳେ ଯିଏ ଶାସନ ଧରେ
ଯାହା ମନହୁଏ ସେଇଆ କରେ
ସାଗୁଆ ରଙ୍ଗଟା ବିରୋଧୀଙ୍କର
ଯେତେ ଶୀଘ୍ର ତାକୁ ଗେରୁଆ କର
ଭୁଲିଯାଅ ପୁରୀ ରତ୍ନ ଭଣ୍ଡାର
ଚାବି ରିପୋର୍ଟକୁ ଗାଏବ୍ କର
ପରିବାରବାଦୀ ବିରୋଧୀ ଦଳ
ଶାସକ ଦଳର ଗଳାର ମାଳ
ଶାସକ ଦଳର ଚୋରା ପିରତି
ଅଜବ ଦେଶର ଗଜବ ନୀତି।

—— ଟୁଟୁ

## ୨୦ ବର୍ଷରେ ଓଡ଼ିଶାରୁ ଫେରିଗଲେ ୨୧ ଶିଳ୍ପ !



**ଭୁବନେଶ୍ୱର :** ୨୦୧୬, ୨୦୧୮ ଓ ୨୦୨୨ରେ ଓଡ଼ିଶାରେ ହୋଇଥିଲା ତିନିଟି ମେକ ଇନ୍ ଓଡ଼ିଶା କନକ୍ଲେଭ୍। ତାପ ପରେ ଏବେ ୨୦୨୫ରେ ହୋଇଛି ଉତ୍କର୍ଷ ଓଡ଼ିଶା କନକ୍ଲେଭ। ପୁଞ୍ଜି ଓ ଶିଳ୍ପକୁ ଆକର୍ଷିତ କରିବାକୁ ତିଆରି କରାଯାଇଛି ଅନେକ ଶିଳ୍ପ ନୀତି। ହେଲେ ବାସ୍ତବତା ଅଲଗା। ଗତ ୨୦ ବର୍ଷରେ ଅର୍ଥାତ୍ ୨୦୦୪ରୁ ୨୦୨୪ ମସିହା ମଧ୍ୟରେ ୨୧ଟି ବଡ଼ ଶିଳ୍ପ ସରକାରଙ୍କ ସହ ବୁଝାମଣା ପତ୍ର ବା ଏମଓୟୁ ସ୍ୱାକ୍ଷର କରି ବି ଶିଳ୍ପ ପ୍ରତିଷ୍ଠାରୁ ଓହରିଯାଇଛନ୍ତି। ବିଶେଷ କରି ଲୌହ, ଆଲୁମିନିୟମ ଓ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠାରୁ ଓହରିଯାଇଛନ୍ତି ୨୧ଟି ଶିଳ୍ପ ପ୍ରତିଷ୍ଠାନ। କେଉଁଠି ଜମି ଅଧିଗ୍ରହଣରେ ସମସ୍ୟା ତ କେଉଁଠି ଏମଓୟୁ ପରେ ବି ଖଣି ଯୋଗାଇପାରିନାହାନ୍ତି ସରକାର। ଆଉ କେଉଁଠି ନିଜେ କମ୍ପାନୀ ଦେବାଳିଆ ହୋଇ ବିକ୍ରି ହୋଇଯାଇଛନ୍ତି ବା ପ୍ରକଳ୍ପରୁ ଓହରିଯାଇଛନ୍ତି। ଚାର୍ଟଡ ଆକାଉଣ୍ଟାଣ୍ଟ ରାଜନାରାୟଣ ତ୍ରିପାଠୀ କହିଛନ୍ତି, ସରକାର ଶିଳ୍ପ ପ୍ରତିଷ୍ଠାନ ପାଇଁ ଏମଓୟୁ କଲା ପରେ ଖଣି ଦେଇ ନପାରିବା ଏକ ସରକାରୀ ବିଫଳତା। ବଡ଼ କମ୍ପାନୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା ନକଲେ ଏହା ବିଦେଶରେ ବି ରାଜ୍ୟର ଭାବମୂର୍ତ୍ତିକୁ ଖରାପ କରିଥାଏ। ଅନ୍ୟ ଶିଳ୍ପାନୁଷ୍ଠାନ ରାଜ୍ୟକୁ ଆସିବାକୁ ଆଗ୍ରହ ଦେଖାଇବେ ନାହିଁ। ତେବେ କିଛି କମ୍ପାନୀ ଚୁକ୍ତି କଲା ପରେ ବି ଦେବାଳିଆ ହେବାରେ କିଛି ଅସ୍ୱାଭାବିକତା ନାହିଁ। ଚଳିତ ବର୍ଷ ଫେବ୍ରୁଆରୀ ୨୧ ତାରିଖରେ ବିଧାନସଭାରେ ଶିଳ୍ପ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଦେଇଥିବା ଉତ୍ତର ଦେଖିଲେ ଜଣାପଡ଼ିଛି ଯେ ଏହି କୋଡିଏ ବର୍ଷରେ ରାଜ୍ୟ ସରକାର ୧୦୯ଟି ବୃହତ୍ ଶିଳ୍ପ ସଂସ୍ଥା ସହ ଶିଳ୍ପ ପ୍ରତିଷ୍ଠା ପାଇଁ ଏମଓୟୁ କରିଥିଲେ। ଏବେ କେବଳ ୨୦୨୫ରେ ୧୪୫ଟି ଏମଓୟୁ ହୋଇଛି। ପାରାଦୀପରେ ପସ୍କୋ, କେନ୍ଦୁଝରରେ ଆର୍ସେଲର ମିତ୍ତଲ ଭଳି ବଡ଼ ଶିଳ୍ପ କମ୍ପାନୀ ଜମି ଅଧିଗ୍ରହଣ ସମସ୍ୟା ପାଇଁ ପ୍ରକଳ୍ପରୁ ଓହରିଯାଇଥିବାବେଳେ ➤ ପୃ-୬

## ଏପ୍ରିଲରୁ ପାର୍ଟ ପ୍ଲଟ ପଞ୍ଜିକରଣ

**ଭୁବନେଶ୍ୱର :** ଏପ୍ରିଲରୁ ଆରମ୍ଭ ହେବ ପାର୍ଟ ପ୍ଲଟ କିଣାବିକା । ରାଜସ୍ୱ ବିଭାଗକୁ ଡ୍ରାଫ୍ଟ ଦେଇଛି ନଗର ଉନ୍ନୟନ ବିଭାଗ। ମାର୍ଚ୍ଚ ଶେଷ ସୁଦ୍ଧା ଡ୍ରାଫ୍ଟକୁ ତର୍ଜମା କରି ସଂଶୋଧନ କରାଯିବ। ଏହା ପରେ ମୋଡାଲିଟି ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯିବ। ରାଜସ୍ୱ ହାନି ହେଉଥିବାରୁ ଏପରି ପଦକ୍ଷେପ ନିଆଯାଉଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଯେଉଁମାନେ ପ୍ଲଟ କିଣିବେ ସେମାନେ ରାସ୍ତା ଓ ଆନୁଷଙ୍ଗୀକ ସୁବିଧା ପାଇବେ। ଡ୍ରାଫ୍ଟକୁ ଅଧ୍ୟୟନ କରିବ ବିଭାଗ। ଯଦି ଦରକାର ପଡେ କିଛି ନିୟମାବଳୀ ଯୋଡାଯାଇପାରେ। ରେରା ଓ ଓଡିଏ ମଧ୍ୟ ଏହି ଡ୍ରାଫ୍ଟକୁ ତର୍ଜମା କରିବ। ମାର୍ଚ୍ଚ ସୁଦ୍ଧା ସଂଶୋଧନ ଓ ସ୍ପଷ୍ଟୀକରଣ ଯାହା ଦରକାର ଅଛି ନୋଟିଫିକେସନ ହେବ। ୫ହଜାର ସ୍କୋୟାର ଫୁଟ ପର୍ଯ୍ୟନ୍ତ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ନେଇ ମୋଡାଲିଟି ପ୍ରସ୍ତୁତ କରିବାକୁ ନଗର ଉନ୍ନୟନ ବିଭାଗକୁ ଡ୍ରାଫ୍ଟ ତିଆରି କରିବାକୁ କହିଥିଲା ରାଜସ୍ୱ ବିଭାଗ।

### ସହରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ସମୀକ୍ଷା କଲେ ମନ୍ତ୍ରୀ

## ନିର୍ଦ୍ଦେଶାବଳୀ କଡାକଡି ପାଳନ କର



**ଭୁବନେଶ୍ୱର:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଶୁକ୍ରବାର ସହରାଞ୍ଚଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ମନ୍ତ୍ରୀ ପାନୀୟ ଜଳର କୌଣସି ଅଭାବ ନହେବା, ଅକାର୍ଯ୍ୟକ୍ଷମ ନଳକୂପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ୨୪ ଘଣ୍ଟା ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରିବା ଏବଂ ଜନସାଧାରଣଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଥିଲେ। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଭାଗର ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ଯେ, ଅନିୟମିତ ବର୍ଷା ଏବଂ ଅନିଶ୍ଚିତ ପାଗ ଢାଞ୍ଚା ଯୋଗୁ ଗ୍ରୀଷ୍ମଋତୁରେ ତାପମାତ୍ରା ଅସ୍ୱାଭାବିକ ବୃଦ୍ଧି ଘଟିଛି। ଏହା ସହିତ, ବଡ଼ କୋଠା, ପ୍ରଶସ୍ତ ରାସ୍ତା ଏବଂ ତାପ-ଶୋଷଣକାରୀ ଭିତ୍ତିଭୂମି ଯୋଗୁ ସହରାଞ୍ଚଳ ବାସିନ୍ଦାମାନେ ଅଧିକ ତାପମାତ୍ରା ଅନୁଭବ କରୁଛନ୍ତି। ପରିସ୍ଥିତିକୁ ବିଚାର କରି ଗୃହ ଏବଂ ନଗର ଉନ୍ନୟନ ବିଭାଗ ଏକ ବିସ୍ତୃତ ମାନକ କାର୍ଯ୍ୟକାରିତା ପ୍ରକ୍ରିୟା (ଏସଓପି) ଜାରି କରିଛି ଏବଂ ଏହାର କଡ଼ା କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଦ୍ୱାରା ନିଆଯିବାକୁ ଥିବା ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ସମସ୍ତ ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରାଯିବା ଆବଶ୍ୟକ। ଏହାକୁ ହାସଲ କରିବା ପାଇଁ, ଜଳ ଯୋଗାଣ ପାଇପଲାଇନଗୁଡ଼ିକୁ ସଠିକ୍ କାର୍ଯ୍ୟକ୍ଷମ ଅବସ୍ଥାରେ ରଖାଯିବା ଉଚିତ, ଏବଂ ଜଳ ଯୋଗାଣ ସମ୍ପର୍କିତ ଯେକୌଣସି ➤ ପୃ-୬

## ଖୁସି ନାହାନ୍ତି କି ନବୀନ !



**ଭୁବନେଶ୍ୱର :** ବିଜେଡିର ପ୍ରତିବାଦ ନେଇ ଖୁସି ନାହାନ୍ତି କି ନବୀନ ! ବିଜୁଙ୍କ ନାଁ ନେଇ ଦଳ କରୁଥିବା ପଞ୍ଚାୟତିରାଜ ଦିବସ ରାଜନୀତି ନବୀନଙ୍କୁ କରିଛି କି କ୍ରୋଧିତ। ବିଧାନସଭାକୁ ଆସି ବି ବିଜେଡ଼ିର ପ୍ରତିବାଦରେ କାହିଁକି ସାମିଲ ହେଲେ ନାହିଁ ନବୀନ। ବିଜୁଙ୍କୁ ନେଇ ଗୃହ ଭିତରେ ଗୃହ ବାହାରେ ତୋଡ଼ ଦେଖାଇଥିଲେ ବିଜେଡି ବିଧାୟକ। କିନ୍ତୁ ନୀରବ ରହି କଢ଼େଇ ହୋଇ ଚାଲିଗଲେ ବିଜୁ ନନ୍ଦନ। ନବୀନଙ୍କ ଏ ଆଭିମୁଖ୍ୟ ସମସ୍ତଙ୍କୁ ଚକିତ କରି ରଖିଦେଲା। ବାପାଙ୍କ ପାଇଁ ସାନ ପୁଅର ନାହିଁ କି ଟିକେ ଦରଦ ? ସୁଯୋଗର ଫାଇଦା ଉଠାଇ ଜବାବ ଦେଲେ ବିଜେପି ବିଧାୟକ। ବିଜୁଙ୍କ ରୋଗଗ୍ରସ୍ତ ସମୟରେ ନବୀନ କେତେ ଯତ୍ନ ନେଇଥିଲେ ପଚାରି ବିଜେଡିର କରିଦେଲେ ମୁହଁ ବନ୍ଦ। ମନ୍ତ୍ରୀ ପଚାରିଲେ ଶଙ୍ଖ ଭବନର ଭିତିରି କଥା। ଚାଲିଲା ବାକ୍ ବିତଣ୍ଡା। ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଦେଖିବାକୁ ମିଳିଛି ଏମିତି ରୋଚକ ଦୃଶ୍ୟ। ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଯୁକ୍ତି ବ୍ୟକ୍ତିଗତ ଆକ୍ଷେପ ଉଚିତ୍ ନୁହେଁ। ବିଜୁଙ୍କୁ ନେଇ ବିଧାନସଭାରେ ବିଜେଡିର ହଙ୍ଗାମା, ବିଜେପି କଲା ଦୃଢ଼ ପ୍ରତିବାଦ। ପଞ୍ଚାୟତରାଜ ମନ୍ତ୍ରୀ କହିଲେ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ପାଗରେ ପରିବର୍ତ୍ତନ ଯୋଗୁ ଶାରୀରିକ କଷ୍ଟ ପାଇପାରନ୍ତି। ଆୟଠାରୁ ବ୍ୟୟ ଅଧିକ ହେବ। ମାଆ ସ୍ୱାସ୍ଥ୍ୟ ବିଗିଡି ଯାଇପାରେ। କାର୍ଯ୍ୟକ୍ଷେତ୍ରରେ ବାଣୀରେ ଲଗାମ ଦିଅନ୍ତୁ। ପ୍ରେମ ସମ୍ବନ୍ଧ ଉତ୍ତମ ରହିବ। ପ୍ରତିକାର : ବୃଦ୍ଧ ସାଧୁଙ୍କୁ ଶକ୍ତି ଅନୁସାରେ ଦାନ ଦିଅନ୍ତୁ।

**ବୃଷ** ମାନସିକ ଅସ୍ଥିରତାର ଶିକାର ହେବେ। ବ୍ୟବସାୟରେ କ୍ଷତି ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ଯୋଗ ଅଛି। ଅନୈତିକ କାର୍ଯ୍ୟରୁ ଦୂରେଇ ରହନ୍ତୁ। ପ୍ରତିକାର : ବରିଷ୍ଠ ମହିଳାଙ୍କ ଆଶୀର୍ବାଦ ନିଅନ୍ତୁ ଓ ପ୍ରିୟ ଜନଙ୍କୁ ଉପହାର ଦିଅନ୍ତୁ।

**ମିଥୁନ** ସ୍ୱାସ୍ଥ୍ୟ ବିଗିଡିପାରେ। ଆୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ନୂଆ ଦାୟିତ୍ୱ ପାଇବେ। ଘର ସଜ୍ଜା ପାଇଁ ଖର୍ଚ୍ଚ ହେବ। ଶତ୍ରୁ ବୃଦ୍ଧି ହେବ। ଦାମ୍ପତ୍ୟ ଜୀବନରେ ସୁଧାର ହେବ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କର୍କଟ** ଋତୁକାଳୀନ ରୋଗର ଶୀକାର ହୋଇପାରନ୍ତି। ଭାଗୀଦାରୀ ବ୍ୟବସାୟରୁ ଦୂରେଇ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ପ୍ରତିକାର : ପ୍ରତିଦିନ ନିଜର ଆରାଧ ଆଗରେ ଦୀପ ଦାନ କରନ୍ତୁ।

**ସିଂହ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ବ୍ୟସ୍ତତା ହେତୁ ଶିକାରର ସମ୍ମୁଖୀନ ହେବେ। ଧନ ସଞ୍ଚୟ କରିବେ। ପ୍ରତିକାର : ଆଦିତ୍ୟ ହୃଦୟ ପାଠ କରନ୍ତୁ।

**କନ୍ୟା** ଖାଦ୍ୟ ଓ ପାନୀୟର ସଞ୍ଜମତା ରଖନ୍ତୁ। ବହୁ ପୁରାତନ ଆଶା ପୂର୍ଣ୍ଣ ହେବ। ପରିବାର ଓ ସହକର୍ମୀଙ୍କ ସହ ବାଣୀରେ ଲଗାମ ଦିଅନ୍ତୁ। ଦମ୍ପତ୍ତି ମାନଙ୍କ ମଧ୍ୟରେ ମତାନ୍ତର ହେବ। ପ୍ରତିକାର : ଗଣେଶଙ୍କୁ ଦୁବମାଳ ଦିଅନ୍ତୁ।

**ତୁଳା** ପେଟରେ ଯନ୍ତ୍ରଣା ହୋଇପାରେ। ବ୍ୟବସାୟ ଆୟରେ ବୃଦ୍ଧି ହେବ। ଦୁର୍ଘଟଣା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହଯୋଗ ନିଅନ୍ତୁ। ପ୍ରତିକାର : ଧର୍ମ ସ୍ଥଳରେ ଲଡୁ ବାଣ୍ଟନ୍ତୁ।

**ବିଛା** ଲକ୍ଷଠାରୁ ଦୂରେଇ ପାରନ୍ତି। ଶୁଭ ଖବର ପାଇବେ। ଆୟରେ ବୃଦ୍ଧି ହେବ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ବ୍ୟର୍ଥ ତର୍କ କରନ୍ତୁ ନାହିଁ। ପ୍ରତିକାର: ଭଗବାନ ଶ୍ରୀରାମଙ୍କୁ ଦୀପ ଓ ଭୋଗ କରନ୍ତୁ।

**ଧନୁ** ପୁରୁଣା କଥାକୁ ନେଇ ଚିନ୍ତିତ ରହିବେ। କଠୋର ପରିଶ୍ରମ କରିବେ। କାହାକୁ ସହଜରେ ବିଶ୍ୱାସ କରନ୍ତୁ ନାହିଁ। ଜମିଜମା ବିବାଦ ହୋଇପାରେ। ପ୍ରତିକାର : ଚଣା ଦାନ କରନ୍ତୁ।

**ମକର** ଭୁଲ କାମ ପାଇଁ ଆକର୍ଷିତ ହୋଇପାରନ୍ତି। ଆୟରେ ବୃଦ୍ଧି ହୋଇପାରେ। ବିପରୀତ ଲିଙ୍ଗଙ୍କ ପ୍ରତି ଆକର୍ଷିତ ହେବେ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ଶନିବାର ଦିନ ଦରିଦ୍ରଙ୍କୁ ଦାନ କରନ୍ତୁ।

**କୁମ୍ଭ** ବ୍ୟବସାୟ ପାଇଁ ଋଣ ନେଇ ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠଙ୍କ ସହଯୋଗ ପାଇବେ। ଘର ଓ ଜାଗା ବ୍ୟବସାୟରେ କ୍ଷତି ହେବ। ବିଶ୍ୱାସଘାତ ହୋଇପାରେ। ଜୀବନସାଥୀଙ୍କ ସହଯୋଗ ପାଇବେ। ପ୍ରତିକାର : ବଜରଙ୍ଗ ବାଣ ପାଠ କରନ୍ତୁ।

**ମୀନ** ମନ ଅସ୍ଥିର ରହିବ। କାର୍ଯ୍ୟରେ କ୍ଷତି ହୋଇପାରେ। ବ୍ୟର୍ଥ ତର୍କରୁ ଦୂରେଇ ରହନ୍ତୁ। ପୁରୁଣା ଧନ ପ୍ରାପ୍ତି ଯୋଗ ଅଛି। ପରିବାର ପାଇଁ ଅନେକ ଜିନିଷ କିଣିପାରନ୍ତି। ଅଧିକ ଚତୁର ହୁଅନ୍ତୁ ନାହିଁ। ପ୍ରତିକାର : ସୁନ୍ଦର କାଣ୍ଡ ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଏପ୍ରିଲରେ ପ୍ରଧାନମନ୍ତ୍ରୀଙ୍କ ଶ୍ରୀଲଙ୍କା ଗସ୍ତ



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ ପ୍ରଥମ ସପ୍ତାହରେ ଶ୍ରୀଲଙ୍କା ଗସ୍ତ କରିପାରନ୍ତି। ପ୍ରକୃତରେ, ପ୍ରଧାନମନ୍ତ୍ରୀ ମୋଦୀଙ୍କଙ୍କୁ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ନିମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଗସ୍ତ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବ। ପ୍ରକୃତରେ, ବିମଷ୍ଟେକ ଶିଖର ସମ୍ମିଳନୀ ୨ ରୁ ୪ ଏପ୍ରିଲ ପର୍ଯ୍ୟନ୍ତ ବ୍ୟାଙ୍କକରେ ଆୟୋଜିତ ହେଉଛି, ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦୀ ଅଂଶଗ୍ରହଣ କରିବେ। ଏହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀଲଙ୍କା ଯାଇପାରନ୍ତି ବୋଲି ବିଶ୍ୱାସ କରାଯାଉଛି। ଏହି ସମୟ ମଧ୍ୟରେ ଦୁଇ ଦେଶର ମୁଖ୍ୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଆମେ କହି ରଖୁଛୁ ଯେ ଡିସେମ୍ବର ୨୦୨୪ରେ, ଶ୍ରୀଲଙ୍କା ରାଷ୍ଟ୍ରପତି ଦିସାନାୟକେ ତିନି ଦିନିଆ ଭାରତ ଗସ୍ତରେ ଆସିଥିଲେ। ଏହି ସମୟରେ, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶ୍ରୀଲଙ୍କା ଗସ୍ତ କରିବାକୁ ନିମନ୍ତ୍ରଣ କରିଥିଲେ। ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ ଥିଲା, ଏହି ସମୟରେ ସେ ଭାରତୀୟ ନେତୃତ୍ୱ ଏବଂ ବ୍ୟବସାୟ ସମ୍ପ୍ରଦାୟ ସହିତ ବ୍ୟାପକ ଆଲୋଚନା କରିଥିଲେ। ଏହି ସମୟ ମଧ୍ୟରେ, ସେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆପଣଙ୍କୁ କହିରଖୁଛୁ ଯେ ଏହା ପ୍ରଥମ ଥର ନୁହେଁ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀଲଙ୍କା ଗସ୍ତ କରିବେ। ୨୦୧୪ ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନିଥର ଶ୍ରୀଲଙ୍କା ଗସ୍ତ କରିସାରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶ୍ରୀଲଙ୍କା ଗସ୍ତ ଭାରତ ଏବଂ ଶ୍ରୀଲଙ୍କା ଉଭୟ ମଧ୍ୟରେ ଲୋକ-କୈନ୍ଦ୍ରିକ ସହଭାଗୀତାକୁ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି। ଏହି ଗସ୍ତ କୂଟନୈତିକ, ରାଜନୈତିକ, ବ୍ୟବସାୟିକ ଏବଂ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବ। ଆପଣଙ୍କୁ କହିରଖୁଛୁ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବରୁ ମାର୍ଚ୍ଚ ୨୦୧୫ରେ ଶ୍ରୀଲଙ୍କା ଗସ୍ତ କରିଥିଲେ। ୧୯୮୭ ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଗସ୍ତ ଥିଲା। ପ୍ରଧାନମନ୍ତ୍ରୀ ମୋଦୀ ପରବର୍ତ୍ତୀ ସମୟରେ ମେ ୨୦୧୭ରେ ଏବଂ ଜୁନ୍ ୨୦୧୯ରେ ପୁଣିଥରେ କଲମ୍ବୋ ଗସ୍ତ କରିଥିଲେ।

## ଉତ୍ତରାଖଣ୍ଡକୁ କେନ୍ଦ୍ରର ବଡ଼ ଉପହାର
## କେଦାରନାଥରେ ହେବ ରୋପୱେ



**ନୂଆଦିଲ୍ଲୀ :** କେନ୍ଦ୍ର କ୍ୟାବିନେଟ ବୈଠକରେ ଉତ୍ତରାଖଣ୍ଡକୁ ଏକ ବଡ଼ ଉପହାର ମିଳିଛି। କେନ୍ଦ୍ରର ମୋଦି ସରକାର ଉତ୍ତରାଖଣ୍ଡର କେଦାରନାଥ ଧାମ ପାଇଁ ରୋପୱେ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ସୋନପ୍ରୟାଗରୁ କେଦାରନାଥ ପର୍ଯ୍ୟନ୍ତ ୧୨.୯ କିଲୋମିଟର ରୋପୱେ ନିର୍ମାଣ କରାଯିବ, ଯେଉଁଥିରେ ୪୦୮୧ କୋଟି ଟଙ୍କା ଖର୍ଚ୍ଚ ହେବ। ନ୍ୟାଶନାଲ ହାଇୱେ ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ଏହାକୁ ନିର୍ମାଣ କରିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'ଏହାର ସବୁଠାରୁ ବଡ଼ ଲାଭ ହେବ ଯେ ବର୍ତ୍ତମାନ ୮-୯ ଘଣ୍ଟାରେ ସମାପ୍ତ ହେଉଥିବା ଯାତ୍ରା ୩୬ ମିନିଟ୍‌କୁ ହ୍ରାସ ପାଇବ। ଏଥିରେ ୩୬ ଜଣଙ୍କ ବସିବା କ୍ଷମତା ରହିବ। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଚାରିଧାମ ଯାତ୍ରାକୁ ପ୍ରୋତ୍ସାହିତ କରିବ, ଯାହା ସ୍ଥାନୀୟ ବ୍ୟବସାୟଗୁଡ଼ିକୁ ଲାଭ ଦେବ ଏବଂ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ। ଏହା ସମ୍ପୂର୍ଣ୍ଣ ଛଅ ମାସ ପାଇଁ ତୀର୍ଥଯାତ୍ରୀଙ୍କ ନିରନ୍ତର ପରିବହନ ସୁନିଶ୍ଚିତ କରିବ, ଯାହା ଦ୍ୱାରା ପ୍ରଥମ ଦୁଇ ମାସରେ ସମ୍ବଳ ଉପରେ ଅତ୍ୟଧିକ ଚାପ ହ୍ରାସ ପାଇବ। କେବଳ ଏତିକି ନୁହେଁ, ଯାତ୍ରା ଋତୁରେ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଇବ। କେଦାରନାଥ ରୋପ ୱେ ପ୍ରକଳ୍ପ ଉତ୍ତରାଖଣ୍ଡ ରୋପୱେ ଆଇନ ୨୦୧୪ ଅନୁଯାୟୀ କାର୍ଯ୍ୟ କରିବ, ଯାହା ଲାଇସେନ୍ସିଂ, କାର୍ଯ୍ୟର ତଦାରଖ, ସୁରକ୍ଷା ଏବଂ ଭଡ଼ା ନିର୍ଦ୍ଧାରଣ ପାଇଁ ଆଇନଗତ ଢାଞ୍ଚା ପ୍ରଦାନ କରେ। ଦ୍ୱିତୀୟ ପ୍ରକଳ୍ପ ହେଉଛି ହେମକୁଣ୍ଡ ସାହିବରେ ଏକ ରୋପୱେ ପ୍ରକଳ୍ପ ନିର୍ମାଣ କରିବା, ଯାହା ପାଇଁ ୨୭୩୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ ମାଧ୍ୟମରେ, ହେମକୁଣ୍ଡ ସାହିବ ଏବଂ ଫୁଲ ଉପତ୍ୟକା ଯାତ୍ରା କରିପାରିବେ। କେନ୍ଦ୍ର କ୍ୟାବିନେଟରେ ଚାଷୀଙ୍କ ସମ୍ପର୍କରେ ତୃତୀୟ ନିଷ୍ପତ୍ତି ନିଆଯାଇଛି। ପଶୁପାଳନ ସ୍ୱାସ୍ଥ୍ୟ ଏବଂ ରୋଗ ନିବାରଣ ପାଇଁ ସରକାର ୩୮୮୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଅଧୀନରେ, ଦୁଇଟି ମୁଖ୍ୟ ପ୍ରାଣୀ ରୋଗ, ପାଦ ଏବଂ ମୁଖ ରୋଗ (ଏଫ୍‌ଏମ୍‌ଡି) ଏବଂ ବ୍ରୁସେଲୋସେସ୍‌ର ନିରାକରଣ କରାଯିବ।

## ଧାନ ଓ ଗହମ ଉପରେ ମିଳିବ ଅତିରିକ୍ତ ଫାଇଦା

**ନୂଆଦିଲ୍ଲୀ :** ଚାଷୀଙ୍କ ପାଇଁ ସରକାର ଅନେକ ଯୋଜନା ଆରମ୍ଭ କରିଛନ୍ତି, ଯାହାଦ୍ୱାରା ସେମାନଙ୍କର ଅର୍ଥନୈତିକ ସମସ୍ୟା ଦୂର ହୋଇପାରିବ। ଏହାରି ମଧ୍ୟରେ ମଧ୍ୟପ୍ରଦେଶ ସରକାର ଚାଷୀଙ୍କ କଲ୍ୟାଣ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ଚାଷୀଙ୍କ ସମୃଦ୍ଧତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ଧାନ ଉର୍ପାଜିତ ପାଇଁ ହେକ୍ଟର ପିଛା ୪୦୦୦ ଟଙ୍କା ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ଯାଉଛନ୍ତି। ଏହି ଟଙ୍କା ମାର୍ଚ୍ଚ ମାସରେ ଚାଷୀଙ୍କ ଆକାଉଣ୍ଟକୁ ପଠାଯିବ। ଅନ୍ୟପଟେ ଗହମ ଉତ୍ପାଦକଙ୍କୁ ମଧ୍ୟ ବଡ଼ ରିଲିଫ୍ ଦିଆଯାଇଛି। ସେମାନଙ୍କୁ ସମର୍ଥନ ମୂଲ୍ୟ ୨୪୨୫ କ୍ୱିଣ୍ଟାଲ ପିଛା ଅତିରିକ୍ତ ୧୭୫ ବୋନସ୍ ମିଳିବ, ଯାହାଫଳରେ ଏହା କ୍ୱିଣ୍ଟାଲ ପିଛା ୨୬୦୦ ଟଙ୍କା ହୋଇଯିବ।

# ପୁଣି ଇରାନ ସହ ପରମାଣୁ ଚୁକ୍ତି କରିବେ ଟ୍ରମ୍ପ୍ !



**ୱାସିଂଟନ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଇରାନ ସହ ପରମାଣୁ ଚୁକ୍ତି କରିବାକୁ ଚାହୁଁଛନ୍ତି ଏବଂ ଏ ନେଇ ଇରାନର ସର୍ବୋଚ୍ଚ ନେତାଙ୍କୁ ଏକ ଚିଠି ପଠାଇଛନ୍ତି। ଶୁକ୍ରବାର ଫକ୍ସ ବିଜନେସ ନେଟୱାର୍କକୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, 'ମୁଁ ଆଶା କରୁଛି ଆପଣମାନେ କଥାବାର୍ତ୍ତା କରିବେ, କାରଣ ଏହା ଇରାନ ପାଇଁ ବହୁତ ଭଲ ହେବ। ମୁଁ ଭାବୁଛି ସେମାନେ ସେହି ଚିଠି ପାଇବାକୁ ଚାହୁଁଛନ୍ତି। ଅନ୍ୟ ଏକ ବିକଳ୍ପ ହେଉଛି ଆମକୁ କିଛି କରିବାକୁ ପଡିବ, କାରଣ ଆପଣ ଅନ୍ୟ ଏକ ପରମାଣୁ ଅସ୍ତ୍ର ସୃଷ୍ଟି କରିବାକୁ ଅନୁମତି ଦେଇପାରିବେ ନାହିଁ। ଅନ୍ୟପକ୍ଷରେ ଋଷର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଋଷର ଉପବୈଦେଶିକ ମନ୍ତ୍ରୀ ସେର୍ଗେଇ ରୟାବକୋଭ ଇରାନର ରାଷ୍ଟ୍ରଦୂତ କାଜେମ ଜାଲାଲିଙ୍କ ସହ ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପରିସ୍ଥିତିର ସମାଧାନ ପାଇଁ ଅନ୍ତର୍ଜାତୀୟ ପ୍ରୟାସ ବିଷୟରେ ଆଲୋଚନା କରିଛନ୍ତି। ଜାନୁଆରୀରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଟ୍ରମ୍ପ ଆମେରିକାର ବୈଦେଶିକ ନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛନ୍ତି। ଋଷ୍ ପ୍ରତି ଆମେରିକାର ଆଭିମୁଖ୍ୟ ବଦଳିଯାଇଛି ଏବଂ ଅଧିକ ବୁଝାମଣାମୂଳକ ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏହା ଅନ୍ୟ ପାଶ୍ଚାତ୍ୟ ସହଯୋଗୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। ଋଷ୍ ଓ ୟୁକ୍ରେନ୍ ମଧ୍ୟରେ ଦୀର୍ଘ ୩ ବର୍ଷ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଟ୍ରମ୍ପ ଉଦ୍ୟମ ଜାରି ରଖିଛନ୍ତି।

# ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଦେଶକୁ ଅଗ୍ରଣୀ କରିବ କ୍ୱାଣ୍ଟମ କମ୍ପ୍ୟୁଟିଂ : ନିତି ଆୟୋଗ



**ନୂଆଦିଲ୍ଲୀ :** କ୍ୱାଣ୍ଟମ କମ୍ପ୍ୟୁଟିଂର ଦ୍ରୁତ ବିକାଶ ଏବଂ ଜାତୀୟ ନିରାପତ୍ତା ଉପରେ ଏହାର ପ୍ରଭାବ ଉପରେ ନିତି ଆୟୋଗ ନୂଆଦିଲ୍ଲୀରେ ଏକ ଦାତସବୀଯ ଜାରି କରିଛନ୍ତି। ଭାରତୀୟ ଡାଟା ସିକ୍ୟୁରିଟି କାଉନସିଲ ସହ ଭାଗିଦାରୀରେ 'ନୀତି ଫ୍ରଣ୍ଟିୟର ଟେକ୍ ହବ୍' ଦେଶର ଏକ ଫ୍ରଣ୍ଟିୟର ଟେକ୍ ରାଷ୍ଟ୍ରରେ ପରିଣତ ହେବା ଲକ୍ଷ୍ୟରେ ଏହି ଦସ୍ତାବିଜ ଜାରି କରିଛି। ଏହାକୁ ଉନ୍ମୋଚନ କରି ନିତି ଆୟୋଗର ସିଇଓ ବି.ଭି.ଆର ସୁବ୍ରମଣ୍ୟମ ଦେଶ ପାଇଁ ଜ୍ଞାନକୌଶଳକୁ ସକ୍ରିୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବୈଷୟିକ ଉନ୍ନତି କ୍ଷେତ୍ରରେ ଭାରତକୁ ଅଗ୍ରଣୀ ସ୍ଥାନରେ ରଖିବା ପାଇଁ ଗବେଷଣା, ଉଦ୍ଭାବନ ଏବଂ ବୈଶ୍ୱିକ ଭାଗିଦାରୀ କ୍ଷେତ୍ରରେ ରଣନୈତିକ ପୁଞ୍ଜିନିବେଶ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ବିକଶିତ କ୍ୱାଣ୍ଟମ୍ ପରିଦୃଶ୍ୟରେ ଭାରତର ରଣନୈତିକ ପ୍ରସ୍ତୁତି ଏବଂ ନିତି ପ୍ରସ୍ତୁତି ପାଇଁ ଏହି କାଗଜର ବୁଝାମଣା ଏକ ଭିତ୍ତିଭୂମି ଭାବେ କାର୍ଯ୍ୟ କରିବ ବୋଲି କହିଛନ୍ତି। ଭାରତକୁ ଫ୍ରଣ୍ଟିୟର ଟେକ୍ ନେସନରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ଆୟୋଗ ଏକ ଫ୍ରଣ୍ଟିୟର ଟେକ୍ ଆକ୍ସନ ଟ୍ୟାଙ୍କ ଭାବରେ ନିତି ଫ୍ରଣ୍ଟିୟର ଟେକ୍ ହବ୍ ପ୍ରତିଷ୍ଠା କରିଛି।ଏହାର ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକ ହେଲା- ଫ୍ରଣ୍ଟିୟର ଟେକ୍ ଇନୋଭେସନକୁ ଆଗକୁ ବଢ଼ାଇବା ଏବଂ ବିକଶିତ ଭାରତ ଦିଗରେ ଦ୍ରୁତ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଭାରତର ପ୍ରସ୍ତୁତିକୁ ସକ୍ଷମ କରିବା।

# ୟୁକ୍ରେନକୁ ଅସ୍ତ୍ର ଦେବନି ଆମେରିକା



**ୱାଶିଂଟନ :** ୟୁକ୍ରେନକୁ ଆମେରିକା ଦେଉଥିବା ସାମରିକ ସହାୟତାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବନ୍ଦ କରିଦେଇଛନ୍ତି। ଋଷ୍ ସହିତ ଯୁଦ୍ଧ ବନ୍ଦ ଲାଗି ପ୍ରସ୍ତାବିତ ଶାନ୍ତି ବୁଝାମଣାକୁ ଗ୍ରହଣ କରିବାକୁ ୟୁକ୍ରେନ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ଟ୍ରମ୍ପ ଏପରି ପଦକ୍ଷେପ ନେଇଛନ୍ତି। ଋଷ୍ ବିରୋଧୀ ଯୁଦ୍ଧ ବନ୍ଦ ଲାଗି ପ୍ରସ୍ତାବିତ ଶାନ୍ତି ବୁଝାମଣାରେ ସ୍ୱାକ୍ଷର କରିବା ଲାଗି ୟୁକ୍ରେନ ରାଷ୍ଟ୍ରପତି ଭୋଲଡେମିର ଜେଲେନସ୍କି ଆମେରିକା ଠାରୁ ସୁରକ୍ଷା ଗ୍ୟାରେଣ୍ଟି ଲୋଡିଥିବାବେଳେ ଟ୍ରମ୍ପ ଏପରି ନିଷ୍ପତ୍ତି ନେଇଛନ୍ତି। ୟୁକ୍ରେନର ସୁରକ୍ଷା ପାଇଁ ଆମେରିକା ଗ୍ୟାରେଣ୍ଟି ଦେଲେ ସେ ଶାନ୍ତି ବୁଝାମଣାରେ ସ୍ୱାକ୍ଷର କରିବେ ବୋଲି ଜେଲେନସ୍କି ସର୍ତ୍ତ ରଖିଥିଲେ। ମାତ୍ର ଟ୍ରମ୍ପ କହିଥିଲେ ଯେ ଯୁଦ୍ଧ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ହାନି ଘଟୁଛି। ତେଣୁ ଏହି ଜୀବନ ହାନି ରୋକିବା ଲାଗି ଶାନ୍ତି ପ୍ରସ୍ତାବକୁ ୟୁକ୍ରେନ ଗ୍ରହଣ କରିବା ଦରକାର। ଗତ ସପ୍ତାହରେ ହ୍ୱାଇଟ ହାଉସରେ ଶାନ୍ତି ଆଲୋଚନା ବେଳେ ଟ୍ରମ୍ପ ଓ ଜେଲେନସ୍କିଙ୍କ ମଧ୍ୟରେ ହୋଇଥିବା ଯୁକ୍ତିତର୍କ ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଟ୍ରମ୍ପଙ୍କ ସାମରିକ ସହାୟତା ବନ୍ଦ ନିଷ୍ପତ୍ତି ପରେ ଜେଲେନସ୍କି ନରମିଛନ୍ତି। ମଙ୍ଗଳବାର ଜେଲେନସ୍କି କହିଛନ୍ତି ଯେ ଟ୍ରମ୍ପଙ୍କ ନେତୃତ୍ୱ ଅଧୀନରେ ସେ କାମ କରିବାକୁ ପ୍ରସ୍ତୁତ। ଋଷ୍ ସହିତ ୟୁକ୍ରେନ ଯୁଦ୍ଧ ଚଳାଇଥିବାରୁ ଶାନ୍ତି ପ୍ରତିଷ୍ଠା ପାଇଁ ଟ୍ରମ୍ପଙ୍କ ମାର୍ଗଦର୍ଶନରେ ସେ କାମ କରିବେ। ଋଷ୍ ସହିତ ଚାଲିଥିବା ଯୁଦ୍ଧ ବନ୍ଦ କରିବାକୁ ସେ ସମସ୍ତ ପ୍ରକାର ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ପ୍ରସ୍ତୁତ। ୟୁକ୍ରେନବାସୀଙ୍କ ସହିତ ସେ ଯୁଦ୍ଧ ବନ୍ଦ କରିବାକୁ ବିଶେଷ ଆଗ୍ରହୀ ବୋଲି ଜେଲେନସ୍କି କହିଛନ୍ତି। ଋଷ୍ ବିରୋଧରେ ଯୁଦ୍ଧ କରିବା ଲାଗି ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ନେତୃତ୍ୱାଧୀନ ଆମେରିକା ପ୍ରଶାସନ ୟୁକ୍ରେନକୁ ୩୫,୦୦୦ କୋଟି ଡଲାର ସାମରିକ ସହାୟତା ଯୋଗାଇ ଦେଇଥିଲେ। ବାଇଡେନ ପ୍ରଶାସନର ଏହି ସହାୟତା ବଦଳରେ ଆମେରିକା କିଛି ପାଇ ନାହିଁ ବୋଲି ନିକଟରେ ଟ୍ରମ୍ପ କହିଥିଲେ। ଏହି ୩୫,୦୦୦ କୋଟି ଡଲାର ବଦଳରେ ଆମେରିକା ଏହାର ସମ୍ପୂର୍ଣ୍ଣ ନୌସେନାକୁ ପୁନର୍ଗଠନ କରିପାରିଥାନ୍ତା। ଟ୍ରମ୍ପଙ୍କ ସହିତ ଯୁକ୍ତିତର୍କ ପରେ ଜେଲେନସ୍କି ଲଣ୍ଡନ ଗସ୍ତ କରିଥିଲେ। ସେଠାରେ ସେ ୟୁରୋପୀୟ ସଂଘ ରାଷ୍ଟ୍ର ନେତା ଓ ବ୍ରିଟେନ ପ୍ରଧାନମନ୍ତ୍ରୀ କୈର ଷ୍ଟାର୍ମରଙ୍କୁ ସାକ୍ଷାତ କରିଥିଲେ। ସୋମବାର ଜେଲେନସ୍କି କହିଥିଲେ ଯେ ୟୁକ୍ରେନ ନିଜର ଆତ୍ମରକ୍ଷା ପାଇଁ ଲଢେଇ କରୁଛି। ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଲାଗି ଆଗ୍ରହୀ ମାତ୍ର ଋଷ୍ ଏଥିପାଇଁ ଆଗ୍ରହୀ ନୁହେଁ। ତେଣୁ ଋଷ୍ ଏହାର ଆକ୍ରମଣକୁ ଜୋରଦାର କରିଚାଲିଛି। ଗତ ସପ୍ତାହକ ମଧ୍ୟରେ ଋଷ୍ ୧୦୫୦ଟି ଡ୍ରୋନ ଆକ୍ରମଣ ଓ ୧୩୦୦ ବୋମାମାଡ କରିଛି।

# ଜୁଲାଇ ୩ରୁ ଅମରନାଥ ଯାତ୍ରା



**ନୂଆଦିଲ୍ଲୀ :** ଅମରନାଥ ଯାତ୍ରା ପାଇଁ ଅପେକ୍ଷା କରି ରହିଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଖୁସି ଖବର। ଅମରନାଥ ଯାତ୍ରା ପାଇଁ ତାରିଖ ଘୋଷଣା ହୋଇଯାଇଛି। ଶ୍ରୀ ମାତା ବୈଷ୍ଣୋଦେବୀ ମନ୍ଦିର ବୋର୍ଡର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଅମରନାଥ ଯାତ୍ରା ଜୁଲାଇ ୩ ରୁ ଆରମ୍ଭ ହୋଇ ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବ। ଏଥର ଟ୍ରଷ୍ଟ ଏବଂ ସରକାରଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେମାନଙ୍କ ସୁରକ୍ଷା ପ୍ରତି ବିଶେଷ ଯତ୍ନ ନିଆଯିବ। ଶ୍ରଦ୍ଧାଳୁଙ୍କ ରହିବାର ବ୍ୟବସ୍ଥା କରାଯିବା ସହିତ ଲଙ୍ଗରର ସୁବିଧା ବି ରହିବ। ପ୍ରତିବର୍ଷ ଅମରନାଥ ଯାତ୍ରା ପ୍ରାୟ ୪୫ ରୁ ୬୦ ଦିନ ପର୍ଯ୍ୟନ୍ତ ଚାଲିଥାଏ। ଗତବର୍ଷ ଏହି ଯାତ୍ରା ଜୁନ୍ ୨୯ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୯ରେ ଶେଷ ହୋଇଥିଲା। ପହଲଗାମ୍ ରୁଟ୍ ଦେଇ ୪୮କିଲୋମିଟର ଯାତ୍ରା କରିବା ସହଜ ହୋଇଥିବା ବେଳେ ବାଲତାଲ୍ ରୁଟ୍ ଦେଇ ଦେଇ ମାତ୍ର ୧୪ କିଲୋମିଟର ଯାତ୍ରା କରିବାରେ ଶ୍ରଦ୍ଧାଳୁଙ୍କୁ କଷ୍ଟ ହୋଇଥାଏ। ଗତବର୍ଷ ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣ ଏପ୍ରିଲ ୧୭ ତାରିଖରୁ ଆରମ୍ଭ ହୋଇଥିଲା। ପଞ୍ଜୀକରଣ ଉଭୟ ଅନଲାଇନ୍ ଏବଂ ଅଫ୍‌ଲାଇନ୍ ମାଧ୍ୟମରେ କରାଯାଇଥିଲା। ଏଥର ମଧ୍ୟ ସମାନ ପ୍ରସ୍ତୁତି କରାଯାଉଛି। ଏହି ବୈଠକ ଅମରନାଥ ଶ୍ରାଇନ୍ ବୋର୍ଡର ଅଧକ୍ଷ ଏବଂ ଜମ୍ମୁ କଶ୍ମୀରର ଏଲଜି ମନୋଜ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଜମ୍ମୁ କଶ୍ମୀରର ଡିଜିପି ନଳିନ ପ୍ରଭାତ, ମୁଖ୍ୟ ସଚିବ ଅଟଳ ଡୁଲୁ ସମେତ ଅନେକ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ନାହିଁ ଘରୋଇ ହସ୍ପିଟାଲ : ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ :** ଘରୋଇ ହସ୍ପିଟାଲଗୁଡିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରୋଗୀ ସେବା କ୍ଷେତ୍ରର ବିଭିନ୍ନ ଦିଗରେ ଦୃଢ଼ ନୀତି ନିୟମ ଲାଗୁ କରି ଘରୋଇ ହସ୍ପିଟାଲଗୁଡିକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଥିଲେ ହେଁ ଏହାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ଘରୋଇ ହସ୍ପିଟାଲ ରୋଗୀମାନଙ୍କୁ ଲୁଟି ଚାଲିଛନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିଶେଷକରି ଘରୋଇ ହସ୍ପିଟାଲଗୁଡିକରେ ଔଷଧପତ୍ର ଏବଂ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ରୋଗୀମାନଙ୍କ ପାଇଁ ସବୁଠାରୁ ଚିନ୍ତାଜନକ ହୋଇପଡ଼ିଛି। ଘରୋଇ ହସ୍ପିଟାଲଗୁଡିକର କାରବାରକୁ ନିୟନ୍ତ୍ରଣ କରିବା ପ୍ରସଙ୍ଗରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବା ଅବସରରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ କେ ସିଂ କହିଛନ୍ତି ଯେ, ଘରୋଇ ହସ୍ପିଟାଲ ପରିସରରେ ଔଷଧ ଏବଂ ଆନୁଷଙ୍ଗିକ ଉପକରଣ କିମ୍ବା ସରଞ୍ଜାମର ଚଢ଼ା ଦର ରୋଗୀମାନଙ୍କ ପାଇଁ କାଳ ହୋଇଛି। ବିଶେଷ କରି ଗରିବ ରୋଗୀମାନଙ୍କ ପାଇଁ ଏହା ଅପହଞ୍ଚ ହୋଇପଡୁଛି। ଗୋଟିଏ ଔଷଧ ବାହାର ବଜାରରେ ଅପେକ୍ଷାକୃତ କମ୍ ମୂଲ୍ୟରେ ଉପଲବ୍ଧ ହେଉଥିଲେ ହେଁ ରୋଗୀମାନଙ୍କୁ ଘରୋଇ ହସ୍ପିଟାଲ ପରିସରରେ ରହିଥିବା ଔଷଧ ଦୋକାନରୁ ଔଷଧ କିଣିବାକୁ ବାଧ୍ୟ କରାଯାଉଛି। ଏହାଦ୍ୱାରା ରୋଗୀମାନେ ଖର୍ଚ୍ଚାନ୍ତ ହେଉଥିଲା ବେଳେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ମନଇଚ୍ଛା ଲୁଟୁଛନ୍ତି। ଏସମ୍ପର୍କରେ ରାଜ୍ୟ ସରକାରମାନେ ସବୁକିଛି ଜାଣି ସୁଦ୍ଧା ଅଜଣା ଭଳି ରହୁଛନ୍ତି। ଦେଶରେ ଏତେ ସଂଖ୍ୟାରେ ଘରୋଇ ହସ୍ପିଟାଲ କାର୍ଯ୍ୟ କରୁଥିଲା ବେଳେ ସେଠାରେ କ'ଣ ଘଟୁଛି ସରକାର କିଭଳି ଜାଣିପାରିବେନି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିପାଇଁ କ'ଣ ନ୍ୟାୟିକ ନିର୍ଦ୍ଦେଶ ଦେବାର ଅବକାଶ ଅଛି କି ବୋଲି ଖଣ୍ଡପୀଠ କହିଛନ୍ତି। ଜଣେ ରୋଗୀ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ପରେ ତାଙ୍କୁ ସୁସ୍ଥ କରି ଘରକୁ ଆଣିବା ତାଙ୍କ ପରିବାର ସଦସ୍ୟଙ୍କ ଏକମାତ୍ର ଲକ୍ଷ୍ୟ ରହିଥାଏ। କିନ୍ତୁ ସବୁ ଘରୋଇ ହସ୍ପିଟାଲରେ ରୋଗୀଙ୍କ ନିକଟତମ ଲୋକଙ୍କୁ ହସ୍ପିଟାଲ ପରିସରରୁ ଔଷଧ କିଣିବାକୁ ବାଧ କରାଯାଇଥାଏ। ଏହାକୁ ନେଇ ଅନେକ ସମୟରେ ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ଡାକ୍ତରଙ୍କ ସହ ରୋଗୀଙ୍କ ଲୋକଙ୍କ ସହ ମତାନ୍ତର ହୋଇଥାଏ। ଫଳରେ ଡାକ୍ତର କିମ୍ବା ହସ୍ପିଟାଲ କର୍ମଚାରୀଙ୍କ ସହ ଲୋକଙ୍କ ବିବାଦ ବଢିଥାଏ। ଏଭଳି ସ୍ଥିତି ସଂପର୍କରେ କ'ଣ ରାଜ୍ୟ ସରକାରମାନେ ଅବଗତ ନାହାନ୍ତି ? ସରକାର ଘରୋଇ ହସ୍ପିଟାଲରେ ଏସବୁ ଦିଗରେ କାହିଁକି ନୀତି ନିମୟ ଲାଗୁ କରିପାରିବେନି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। କୌଣସି କ୍ଷେତ୍ରରେ ବିବାଦ ଉପୁଜିଲେ ଘରୋଇ ହସ୍ପିଟାଲରେ ପଞ୍ଚ ତାରକା ହୋଟେଲ ଭଳି ରୋଗୀଙ୍କୁ ସେବା ଯୋଗାଇ ଦିଆଯାଇପାରୁଛି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଥାଆନ୍ତି। ଯଦି କେହି ଅଧିକ ଯୁକ୍ତିତର୍କ କରନ୍ତି ତେବେ ତାଙ୍କୁ ସିଧାସଳଖ ସରକାରୀ ହସ୍ପିଟାଲ ଯିବାକୁ କୁହାଯାଇଥାଏ। କିନ୍ତୁ ଏହା ସମାଧାନର ବାଟ ନୁହେଁ କି ଏହାକୁ ଏକ ସୁସ୍ଥ ପରମ୍ପରା ବୋଲି ବିଚାର କରାଯାଇପାରିବ କାହିଁକି ଘରୋଇ ହସ୍ପିଟାଲଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ରାଜ୍ୟ ସରକାରମାନଙ୍କ ନିକଟରେ ନିଶ୍ଚିତ ଭାବେ କିଛି ଆଇନ ରହିଛି। କିନ୍ତୁ ତାହାକୁ କାହିଁକି ଉପଯୋଗ କରାଯାଉ ନାହିଁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ କୋର୍ଟ କିଛି ନିର୍ଦ୍ଦେଶ ଦେବା ଠିକ୍ ହେବ ନାହିଁ। କାରଣ ନ୍ୟାୟିକ ସ୍ତରରେ କିଛି ନିର୍ଦ୍ଦେଶ ଦିଆଗଲେ ତାହାକୁ କଦର୍ଥ କରି ଉପସ୍ଥାପନ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ସମେତ ୭ଟି ରାଜ୍ୟ କହିଥିଲେ ଯେ ଏହାକୁ ନିୟନ୍ତ୍ରଣ କରିବା ଲାଗି ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି। ଜରୁରୀ ଔଷଧର ଦାମକୁ ନିୟନ୍ତ୍ରଣରେ ରଖିବା ସହିତ ଏହାର ଉପଲବ୍ଧତା ପାଇଁ କେନ୍ଦ୍ରର ପରାମର୍ଶ କ୍ରମେ ଘରୋଇ ହସପିଟାଲ ଏବଂ ଔଷଧ କଂପାନୀମାନୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି। ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ଲାଗି ସରକାରୀ ହସପିଟାଲ ପରିସରରେ ଅନେକ ଦୋକାନ ଖୋଲାଯାଇଥିବା ଏହି ରାଜ୍ୟମାନେ କହିଥିଲେ।

## ୩୦ରୁ ପୋର୍ଟବ୍ଲେୟାର ଓ ଗାଜିଆବାଦକୁ ବିମାନ ଉଡ଼ାଣ



**ଭୁବନେଶ୍ୱର :** ମାର୍ଚ୍ଚ ୩୦ରୁ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଉତ୍ତରପ୍ରଦେଶର ଗାଜିଆବାଦ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ପୋର୍ଟବ୍ଲେୟାରକୁ ଏୟାର ଇଣ୍ଡିଆ ବିମାନ ଦୈନିକ ଉଡ଼ାଣ କରିବ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର-ଗାଜିଆବାଦ-ଭୁବନେଶ୍ୱର ଓ ଭୁବନେଶ୍ୱର-ପୋର୍ଟବ୍ଲେୟାର-ଭୁବନେଶ୍ୱର ଏୟାର ଇଣ୍ଡିଆ ବିମାନ ଦୈନିକ ଉଡ଼ାଣ କରିବ।

## ଗେରୁଆ ରଙ୍ଗ ହେବ ସରକାରୀ ସ୍କୁଲ



**ଭୁବନେଶ୍ୱର :** ଓଡ଼ିଶାର ସରକାରୀ ସ୍କୁଲ କୋଠାଗୁଡ଼ିକୁ ନୂତନ ରଙ୍ଗ କୋଡ୍ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସଇପିଏ) ଦ୍ୱାରା ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସରକାରୀ ଚିଠି ପଠାଯାଇଛି। ସରକାରୀ ଚିଠିରେ ଲେଖାଯାଇଛି, ସରକାର ନୂତନ ରଙ୍ଗ କୋଡ୍ ଅନୁମୋଦନ କରିବାକୁ କହିଛନ୍ତି। ଏଥିରେ ରଙ୍ଗ କୋଡର କପି ସଂଲଗ୍ନ କରାଯାଇଛି। ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ଶ୍ରୀ ସ୍କୁଲ ସମେତ ସମସ୍ତ ସରକାରୀ ବିଦ୍ୟାଳୟରେ ନିର୍ମାଣ, ମରାମତି ଏବଂ ନବୀକରଣ କାର୍ଯ୍ୟ ସମୟରେ ଅନୁମୋଦିତ ରଙ୍ଗ କୋଡ୍ ଗ୍ରହଣ କରିବା ପାଇଁ ସମ୍ପୃକ୍ତ କ୍ଷେତ୍ର ଅଧିକାରୀମାନଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରାଯାଉଛି। ଏହି ନିର୍ଦ୍ଦେଶ ସ୍କୁଲ କୋଠାଗୁଡ଼ିକର ରଙ୍ଗ କୋଡ୍ ସମ୍ବନ୍ଧୀୟ ସମସ୍ତ ପୂର୍ବ ନିର୍ଦ୍ଦେଶକୁ ରଦ୍ଦ କରିବ। ଚିଠିରେ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶାର ସରକାରୀ ସ୍କୁଲଗୁଡ଼ିକର ରଙ୍ଗ କୋଡ୍ ଗେରୁଆ ରଙ୍ଗର ହେବ ବୋଲି ଜଣାପଡ଼ିଛି। ଏହା ସ୍କୁଲଗୁଡ଼ିକର ନିର୍ମାଣ, ମରାମତି ଏବଂ ନବୀକରଣ ସମୟରେ କାର୍ଯ୍ୟକାରୀ ହେବ।

ଓଡ଼ିଶାରେ ୧୦୮ ଆମ୍ବୁଲାନ୍ସ ସେବାକୁ ପୁରିଲା ୧୨ ବର୍ଷ

# ସେବା ପାଇଲେଣି ୧ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ

**ଭୁବନେଶ୍ୱର :** ଓଡ଼ିଶାରେ ୧୦୮ ଆମ୍ବୁଲାନ୍ସ ସେବା, ୧୨ ବର୍ଷ ଧରି ଅତ୍ୟାବଶ୍ୟକ ଜନସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି। ଜୀବନ ରକ୍ଷା ପ୍ରତି ଅନୂତ ଏହି ସେବା ଉତ୍କୃଷ୍ଟ ଏବଂ ଦ୍ରୁତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବାରେ ନିରନ୍ତର ପ୍ରୟାସ କରିଆସୁଛି। ୧୦୮ ଆମ୍ବୁଲାନ୍ସ ସେବା ମାର୍ଚ୍ଚ ୫, ୨୦୧୩ ମସିହାରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଅନୁକୂଲ୍ୟରେ ୨୮୦ଟି ଆମ୍ବୁଲାନ୍ସକୁ ନେଇ ଆରମ୍ଭ ହୋଇଥିଲା। ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା ରୋଗୀମାନଙ୍କୁ ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାନଗୁଡ଼ିକ ସହିତ ସଂଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ସହର ଏବଂ ଗ୍ରାମୀଣ କ୍ଷେତ୍ର ସହିତ ଅଗମ୍ୟ ଅଞ୍ଚଳଗୁଡ଼ିକୁ ସେବା ଯୋଗାଇବା ନିମନ୍ତେ ସଫଳ ସାବ୍ୟସ୍ତ ହୋଇଛି। ଓଡ଼ିଶାରେ ଇଏମ୍ଆରଆଇ ଗ୍ରୀନ ହେଲଥ ସର୍ଭିସେସ ଦ୍ୱାରା ୧୩୬୬ ଟି ଆମ୍ବୁଲାନ୍ସ ୩୦ଟି ଜିଲ୍ଲାକୁ ସେବା ଯୋଗାଉଛି। ତନ୍ମଧ୍ୟରୁ ୮୬୦ ଟି ୧୦୮ ଆମ୍ବୁଲାନ୍ସ,୫୦୦ ଟି ଜନନୀ ଏକ୍ସପ୍ରେସ ଏବଂ ୬ଟି ବୋଟ ଆମ୍ବୁଲାନ୍ସ ରହିଛି । ଏହି ସେବା ଦ୍ୱାରା ବର୍ତ୍ତମାନ ପର୍ଯ୍ୟନ୍ତ ୧ କୋଟି ୨୦ ଲକ୍ଷରୁ ଅଧିକ ରୋଗୀ,ଗର୍ଭବତୀ ମହିଳା ଏବଂ ଶିଶୁମାନେ ଉପକୃତ ହୋଇଛନ୍ତି। ୧୦୮ ବୋଟ ଆମ୍ବୁଲାନ୍ସ ଦ୍ୱାରା ବିଚ୍ଛିନ୍ନ ଅଞ୍ଚଳରେ ଅତ୍ୟାବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏହି ଅବସରରେ ଇଏମ୍ଆରଆଇ ଗ୍ରୀନ ହେଲଥ ସର୍ଭିସେସର ରାଜ୍ୟ ମୁଖ୍ୟ ତଥା ୧୦୮ ଆମ୍ବୁଲାନ୍ସ ସେବାର ପ୍ରକଳ୍ପ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି ଅତ୍ୟାବଶ୍ୟକ ସେବାକୁ ଅଧିକ ପ୍ରଭାବଶାଳୀ କରିବାକୁ ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରି ରୋଗୀଙ୍କ ଠିକଣା ଜାଣିବା ସହ ରୋଗୀଙ୍କ ପାଖରେ ପହଞ୍ଚିବାର ସମୟ



୧୫ ମିନିଟ୍ କରିବା ପାଇଁ ପ୍ରୟାସ ଜାରିରହିଛି। ହଟସ୍ପଟ ଅଞ୍ଚଳ ଚିହ୍ନଟ କରି ଆମ୍ବୁଲାନ୍ସ ଗୁଡ଼ିକୁ ସେହିଠାରେ ରଖାଯିବ, ଯାହା ଦ୍ୱାରା ଯଥାଶୀଘ୍ର ରୋଗୀଙ୍କ ପାଖରେ ପହଞ୍ଚି ହେବ ଏବଂ ସମୟୋପଯୁକ୍ତ ଚିକିତ୍ସା ହୋଇପାରିବ। ଏହାସହିତ, ଭୁବନେଶ୍ୱରରେ ଅବସ୍ଥିତ ସେଣ୍ଟ୍ରାଲାଇଜ କଲ-ସେଣ୍ଟରରୁ ରୋଗୀଙ୍କୁ ନିରନ୍ତର ଯୋଗାଯୋଗ କରାଯାଉଛି, ଯାହା ରୋଗୀଙ୍କର ସଠିକ୍ ଅବସ୍ଥାନ ଚିହ୍ନଟ କରି ସମ୍ଭବତମ ନିକଟତମ ଆମ୍ବୁଲାନ୍ସକୁ ତୁରନ୍ତ ପଠାଯାଇ ପାରିବ। ଗ୍ରାମୀଣ ଅଞ୍ଚଳରେ ବିଶେଷ ସଚେତନତା କାର୍ଯ୍ୟକ୍ରମ କରି ଲୋକମାନଙ୍କୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଜାଣିବାରେ ସାହାଯ୍ୟ କରାଯାଉଛି। ଅନେକ ସମୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ନିଜର ନିଷ୍ଠା ଏବଂ ମାନବିକତା ପ୍ରଦର୍ଶନ କରି ଅନେକ ଉଦାହରଣ ସୃଷ୍ଟି କରିଛନ୍ତି। ବନ୍ୟା,ବାତ୍ୟା ତଥା କୋଭିଡ ମହାମାରୀ ସମୟରେ ମଧ୍ୟ ୧୦୮ କର୍ମଚାରୀମାନେ ନିଜର ସେବା ମନୋଭାବ ଏବଂ ମଣିଷପଣିଆର ନିଦର୍ଶନ ଦେଇଛନ୍ତି। ଏହି ସେବାର ସଦସ୍ୟମାନେ ଅନନ୍ୟ ଭୂମିକା ନିଭାଇଛନ୍ତି, ଯେପରିକି ରୋଗୀଙ୍କ ମୂଲ୍ୟବାନ ସାମଗ୍ରୀ ତାଙ୍କ ପରିବାର ଲୋକଙ୍କୁ ଫେରାଇବା, ଅତ୍ୟାବଶ୍ୟକ ସମୟରେ ରକ୍ତଦାନ କରିବା କିମ୍ବା ରୋଗୀଙ୍କ ସହଯୋଗ ପାଇଁ ଅତିରିକ୍ତ ପ୍ରୟାସ କରିବା। ଇଏମ୍ଆରଆଇ ଗ୍ରୀନ ହେଲଥ ସର୍ଭିସେସ ଭାରତରେ ୧୬ ଟି ରାଜ୍ୟରେ ୧୭୧୪୧ ଆମ୍ବୁଲାନ୍ସ ଦ୍ୱାରା କାର୍ଯ୍ୟକରୁଛି ଏବଂ ଦୈନିକ ୪୧୧୩୬ ରୋଗୀଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରାଯାଉଛି ଛ ଏହାର ଲକ୍ଷ୍ୟ ଭାରତରେ ବାର୍ଷିକ ୩ କୋଟି ଲୋକଙ୍କୁ ସେବା ଯୋଗାଇବା ସହ ୧ କୋଟି ଲୋକଙ୍କର ଜୀବନ ବଞ୍ଚାଇବା।

## ୫ ବୃହତ୍ ଜଳସେଚନ ପ୍ରକଳ୍ପ କାମ ତ୍ୱରାନ୍ୱିତ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଜଳ ସମ୍ପଦ ବିଭାଗର ବିଭିନ୍ନ ଡ୍ୟାମ ଓ ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଉପରେ ସମୀକ୍ଷା କରି ୫ଟି ବୃହତ୍ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ସୁନ୍ଦରଗଡ଼ ଜିଲ୍ଲାରେ ଇବ ଜଳସେଚନ ପ୍ରକଳ୍ପ, ବରଗଡ଼ ଜିଲ୍ଲାରେ ଅଙ୍ଗ ଜଳସେଚନ ପ୍ରକଳ୍ପ, କେନ୍ଦୁଝର ଜିଲ୍ଲାରେ ଭୀମକୁଣ୍ଡ ବ୍ୟାରେଜ ପ୍ରକଳ୍ପ, ଝାରପଡା ଜଳସେଚନ ପ୍ରକଳ୍ପ, ଓ କାନୁପୁର ଜଳସେଚନ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଏବଂ ଆଗାମୀ ଦିନରେ ଏହି ପ୍ରକଳ୍ପ ଗୁଡ଼ିକ କିପରି ତ୍ୱରାନ୍ୱିତ ହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ ଦୀର୍ଘ ଦିନ ଧରି ପ୍ରସ୍ତାବିତ ହେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ



ସେ ନିର୍ଦ୍ଦେଶ ଦେଇଥିଲେ । ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ଇବ୍ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୧,୦୬,୨୭୯ ହେକ୍ଟର ଜମି ଜଳସେଚିତ ହୋଇପାରିବ। ସେହିପରି ଅଙ୍ଗ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦,୦୦୦ ହେକ୍ଟର, ଭୀମକୁଣ୍ଡ ବ୍ୟାରେଜ ପ୍ରକଳ୍ପ ଦ୍ୱାରା ୩୧,୮୩୫ ହେକ୍ଟର, କେନ୍ଦୁଝରର ଝାରପଡା ଜଳସେଚନ ପ୍ରକଳ୍ପ ଦ୍ୱାରା ୧୭,୫୦୦ ହେକ୍ଟର, ଓ କାନୁପୁର ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୨୯,୫୭୮ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆ ଯାଇ ପାରିବ। ଏହି ୫ଟି ପ୍ରକଳ୍ପ ଦ୍ୱାରା ସମୁଦାୟ ୨,୧୫, ୧୯୨ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିପାରିବ । ଏଥିପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

## ମେ’ ପ୍ରଥମ ସପ୍ତାହରେ ମାଟ୍ରିକ୍ ଫଳ

**କଟକ :** ସରିଲା ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ଚଳିତବର୍ଷ ସାରା ରାଜ୍ୟରେ ୫ ଲକ୍ଷ ୨୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଦେଇଛନ୍ତି ପରୀକ୍ଷା। ଗତ ୨୧ ତାରିଖରୁ ୩ ହଜାର ୧୩୩ ଟି କେନ୍ଦ୍ରରେ ଚାଲିଥିଲା ମାଟ୍ରିକ ସହ ମଧ୍ୟମା ଓ ରାଜ୍ୟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା। କପି ଓ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ବୋର୍ଡ ପକ୍ଷରୁ ହୋଇଥିବା ବ୍ୟବସ୍ଥା ଏଥର ସଫଳ ହୋଇଛି। କାଁ ଭାଁ ଘଟଣାକୁ ଛାଡ଼ି ଚଳିତବର୍ଷ ସୁରୁଖୁରୁରେ ଏଗଜାମ ସରିଥିବା କହିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ୧୯ ତାରିଖରୁ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେବ। ଏହା ପରେ ମେ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ରେଜଲ୍ଟ ବାହାରିବ ବୋଲି ବୋର୍ଡ ସଭାପତି ସୂଚନା ଦେଇଛନ୍ତି। ତେବେ ଚଳିତବର୍ଷ ବିଜ୍ଞାନ ପ୍ରଶ୍ନପତ୍ରର ଫିଜିକାଲ ସାଇନ୍ସ ପ୍ରଶ୍ନପତ୍ରରେ ସାଂଘାତିକ ତ୍ରୁଟି ଦେଖିବାକୁ ମିଳିଥିଲା। ୨୫ ମାର୍କ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ମିଳିଥିଲା ୨୧ ମାର୍କର ପ୍ରଶ୍ନ। ତେବେ ଏନେଇ ସରକାର ଅବଗତ ଅଛନ୍ତି। ବିଭାଗ ପକ୍ଷରୁ ତର୍ଜମା କରଯାଉଛି ଏବଂ ଆବଶ୍ୟକ ପଡିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଛାତ୍ରଛାତ୍ରୀଙ୍କ ପାଇଁ ଯାହା ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ। ଶେଷ ଦିନରେ ତୃତୀୟ ଭାଷା ପରୀକ୍ଷା ଦେଇଥିଲେ ଛାତ୍ରଛାତ୍ରୀ। ତେବେ ଚଳିତ ବର୍ଷ ପ୍ରଶ୍ନ ଭଲ ଥିବାରୁ ଭଲ ରେଜଲ୍ଟ ନେଇ ସମସ୍ତେ ଆଶାବାଦୀ ଅଛନ୍ତି। ତେଣୁ ପରୀକ୍ଷା ହଲରୁ ବାହାରିବା ପରେ ସମସ୍ତଙ୍କ ମୁହଁରେ ହସ ଦେଖିବାକୁ ମିଳିଥିଲା। ଶେଷ ଦିନରେ ଅବିର ଖେଳି ଖୁସି ମନାଇଥିଲେ ଛାତ୍ରଛାତ୍ରୀ। ପରସ୍ପରକୁ ଅବିର ଲଗାଇ ଆଗାମୀ ହୋଲି ପାଇଁ ଶୁଭେଚ୍ଛା ଦେବା ସହ ପରୀକ୍ଷାରେ ଭଲ ରେଜଲ୍ଟ ପାଇଁ ପରସ୍ପରକୁ ବଧାଇ ଜଣାଇଥିଲେ। ଭଲ କରିଥିବାରୁ ଖାତା ଠିକରେ ଦେଖାହେବ ଓ ସେମାନେ ଭଲ ଫଳ ପାଇଁ ଉପର ଶ୍ରେଣୀରେ ନାମ ଲେଖାଇବାକୁ ଆଶା ରଖିଛନ୍ତି ଛାତ୍ରଛାତ୍ରୀ।

## ଏପ୍ରିଲ ୨ରୁ ଖୋଲିବ ‘ଶିଶୁ ବାଟିକା’ ଶ୍ରେଣୀ

**ଭୁବନେଶ୍ୱର :** ରାଜ୍ୟରେ ଆସନ୍ତା ଏପ୍ରିଲ ୨ରୁ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଖୋଲିବ ‘ଶିଶୁ ବାଟିକା’ ଶ୍ରେଣୀ। ୨୦୨୫-୨୬ ଶିକ୍ଷାବର୍ଷରୁ ଏଠାରେ ୫-୬ବର୍ଷ ବୟସର ପିଲାଙ୍କ ନାମଲେଖା ସହ ପାଠପଢ଼ା ଆରମ୍ଭ ହେବ। ଏନେଇ ପ୍ରସ୍ତୁତି ଓ ପ୍ରକ୍ରିୟା ଆରମ୍ଭ କରିବାକୁ ବିଭାଗୀୟ କମିଶନର କମ୍ ସେକ୍ରେଟାରୀ ସାଲିନୀ ପଣ୍ଡିତ ଏକ ବିଜ୍ଞପ୍ତି ଜରିଆରେ ସମସ୍ତ ଜିଲାପାଳ, ଅଧକ୍ଷ ଏବଂ ସମଗ୍ର ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ରାଜ୍ୟରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱକୁ ଗୁରୁତ୍ୱ ଦିଆଯାଇ ‘ଶିଶୁ ବାଟିକା’ ନାମରେ ଏକ ଅତିରିକ୍ତ ଶ୍ରେଣୀ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତେଣୁ ଏହାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଓ ଭିତ୍ତିଭୂମିକୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ବାଟିକାରେ ପିଲାମାନେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପାଠପଢ଼ିବେ। ଟିଇ ଆଣ୍ଡ୍ ଏସ୍‌ସିଇଆରଟି ଦ୍ୱାରା ବିକଶିତ ସମସ୍ତ ପୁସ୍ତକ ଏପ୍ରିଲ ୧ ସୁଦ୍ଧା ସମସ୍ତ ପିଲାଙ୍କୁ ଦିଆଯିବ। ଏହା ସେମାନଙ୍କ ଶ୍ରେଣୀଗୃହ ପାଠପଢ଼ିବାରେ ସହାୟକ ହେବ। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ବ୍ୟବସ୍ଥାରେ ସାମିଲ କରିବା ପାଇଁ ପ୍ରୋତ୍ସାହିତ କରାଯବ। ସମସ୍ତ ଶିଶୁ ବାଟିକା ପିଲାଙ୍କୁ ଏକ କିଟ୍ ପ୍ରଦାନ କରାଯିବ। ଏହି କିଟ୍‌ରେ ସ୍କୁଲ ବ୍ୟାଗ ସହିତ ପାଠ୍ୟକ୍ରମ ଉପକରଣ ଅନ୍ତର୍ଭୁକ୍ତ ହେବ। ସେହିପରି ଖେଳ ଭିତ୍ତିକ ଶିକ୍ଷଣ ପଦ୍ଧତି ମାଧ୍ୟମରେ ମୌଳିକ ଦକ୍ଷତା ଅର୍ଜନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟକୁ ‘ଯାଦୁ ପେଡି’ କିଟ୍ ଯୋଗାଇ ଦିଆଯିବ। ଏଥିପାଇଁ ସମସ୍ତ ପ୍ରାଥମିକ ଶ୍ରେଣୀର ଶିକ୍ଷକଙ୍କୁ ପ୍ରସ୍ତୁତି ମଡ୍ୟୁଲ ଉପରେ ତାଲିମ ଦିଆଯିବ। ଏହା ମାର୍ଚ୍ଚ ୧୫ ସୁଦ୍ଧା ଶେଷ ହେବ। ଶିଶୁ ବାଟିକାର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ଜିଲ୍ଲାସ୍ତରରେ ଏକ ଉତ୍ସର୍ଗୀକୃତ ସେଲ୍ ପ୍ରତିଷ୍ଠା କରାଯିବ। ଏହାବ୍ୟତୀତ ପ୍ରାକ୍ ବିଦ୍ୟାଳୟ ପାଇଁ ଆବଶ୍ୟକ ଅତିରିକ୍ତ ଭିତ୍ତିଭୂମି ଆସନ୍ତା ବର୍ଷ ଭିତରେ ପ୍ରଦାନ କରାଯିବାର ଯୋଜନା ରହିଛି ବୋଲି ବିଜ୍ଞପ୍ତିରେ ସୂଚନା ରହିଛି।

ହାଇକୋର୍ଟରେ ରାଜ୍ୟ ସରକାରଙ୍କ ସତ୍ୟପାଠ

# ସାର୍ବଜନୀନ ହେବନି ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ

**କଟକ :** ଭାଜପା ନେତୃତ୍ୱାଧୀନ ଓଡ଼ିଶା ସରକାର ଓଡ଼ିଶା ହାଇକୋର୍ଟକୁ ଜଣାଇଛି ଯେ ହଜିଯାଇଥିବା ରତ୍ନ ଭଣ୍ଡାର ଚାବି ସମ୍ପର୍କରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରାଯାଇପାରିବ ନାହିଁ। ଲକ୍ଷ ଲକ୍ଷ ପ୍ରଭୁ ଜଗନ୍ନାଥ ଭକ୍ତ କେଉଁ ପରିସ୍ଥିତିରେ ରତ୍ନ ଭଣ୍ଡାର ଚାବି ହଜିଗଲା ଏବଂ ପରେ ସେଗୁଡ଼ିକ କିପରି ଉଦ୍ଧାର କରାଗଲା ତାହା ଜାଣିବାକୁ ଚାହାଁନ୍ତି ବୋଲି ଜଣେ ଆବେଦନକାରୀ ଯୁକ୍ତି ଦେବା ପରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡିଥିଲେ। ରତ୍ନ ଭଣ୍ଡାରରେ ଗଚ୍ଛିତ ସୁନା ଏବଂ ଅଳଙ୍କାରର ସ୍ଥିତି ବିଷୟରେ ଜାଣିବାକୁ ଭକ୍ତମାନେ ଆଗ୍ରହୀ ଥିବାରୁ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବାକୁ ଆବେଦନକାରୀ ମଧ୍ୟ ଜୋର ଦେଇଥିଲେ। ଜବାବରେ ଓଡ଼ିଶା ସରକାର ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରି କହିଥିଲେ ଯେ ରିପୋର୍ଟ ପ୍ରକାଶ କରାଯାଇପାରିବ ନାହିଁ। ଏହାପରେ ହାଇକୋର୍ଟ ମାର୍ଚ୍ଚ ୧୨ ପାଇଁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଥିଲେ। ଉଲ୍ଲେଖନୀୟ, ୨୦୨୪ ସାଧାରଣ ନିର୍ବାଚନ ସମୟରେ, ଭାଜପା ରତ୍ନ ଭଣ୍ଡାର ଚାବି ପ୍ରସଙ୍ଗରେ ତଦନ୍ତ ତ୍ୱରାନ୍ୱିତ କରିବା ଏବଂ ଏହାର ଇନଭେଣ୍ଟରୀର ଅଡିଟିଂ ପ୍ରକ୍ରିୟା ପୁନଃସ୍ଥାପିତ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଦଳ ରାଜ୍ୟରେ କ୍ଷମତାକୁ ଆସିବା ପରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବ ବୋଲି ମଧ୍ୟ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲା।



ନିର୍ବାଚନ ପ୍ରଚାର ସମୟରେ, ଭାଜପା ନେତାମାନେ ରତ୍ନ ଭଣ୍ଡାର ଚାବି ପ୍ରସଙ୍ଗ ଉଠାଇ ପୂର୍ବ ବିଜେଡି ସରକାରଙ୍କୁ ଏହାର ପରିଚାଳନା ପାଇଁ ସମାଲୋଚନା କରିଥିଲେ। ଏହି ବିବାଦ ଏପ୍ରିଲ ୨୦୧୮ ରୁ ଆରମ୍ଭ ହୋଇଥିଲା, ଯେତେବେଳେ ଶ୍ରୀମନ୍ଦିର ଅଧିକାରୀମାନେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏକ ଗଠନମୂଳକ ଯାଞ୍ଚ ପାଇଁ ପ୍ରସ୍ତୁତି କରୁଥିବା ସମୟରେ ରତ୍ନ ଭଣ୍ଡାରର ଚାବି ହଜିଯାଇଥିବା ଜାଣିବାକୁ ପାଇଲେ। ହଙ୍ଗାମା ପରେ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମାମଲାର ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଜଷ୍ଟିସ୍ ରଘୁବୀର ଦାସ କମିଶନ ନଭେମ୍ବର ୨୦୧୮ ରେ ୩୨୪ ପୃଷ୍ଠାର ଏକ ରିପୋର୍ଟ ଦାଖଲ କରିଥିଲେ। ରତ୍ନ ଭଣ୍ଡାର ଦୁଇଟି ପ୍ରକୋଷ୍ଠ ନେଇ ଗଠିତ ଭିତର ଭଣ୍ଡାର (ଭିତର କୋଷାଗାର) ଏବଂ ବାହାର ଭଣ୍ଡାର (ବାହ୍ୟ କୋଷାଗାର)। ଏହାର ସୁନା ଏବଂ ଅଳଙ୍କାର ତାଲିକାର ସ୍ଥିତି ପ୍ରଭୁ ଜଗନ୍ନାଥଙ୍କ ଭକ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇ ରହିଛି।

ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ‘ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ଆମ ସରକାର ପୂରଣ କରିବ’

**ଭୁବନେଶ୍ୱର :** ବିଜୁବାବୁ ଥିଲେ ଓଡିଶାର ପଥ ପ୍ରଦର୍ଶକ। ବିଜୁ ବାବୁଙ୍କ ପ୍ରତ୍ୟେକଟି ପଦକ୍ଷେପ ଆମକୁ ପ୍ରେରଣା ଦେଉଛି। ଓଡିଶା ପାଇଁ ସେ ଅନେକ ସ୍ୱପ୍ନ ଦେଖିଥିଲେ ଏବଂ ତାକୁ ପୂରଣ କରିବା ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ। ଓଡିଶାର ଶିଳ୍ପାୟନ, ମହିଳାମାନଙ୍କ ସଶକ୍ତିକରଣ ଥିଲା ତାଙ୍କର ସ୍ୱପ୍ନ। ବିଜୁବାବୁଙ୍କ ସ୍ୱପ୍ନ ଓ ଆମ ସରକାରଙ୍କ କାର୍ଯ୍ୟକ୍ରମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ବିଜୁ ବାବୁ ସମୃଦ୍ଧ ଓଡିଶା ଗଠନ ପାଇଁ ଚିନ୍ତା କରିଥିଲେ। ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛି। ବିଜୁ ବାବୁ ଓଡିଶା ପାଇଁ ଯେଉଁସବୁ ସ୍ୱପ୍ନ ଦେଖିଥିଲେ, ତାକୁ ଆମ ସରକାର ପୂରଣ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଜୟଦେବ ଭବନ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ଶିଳ୍ପ କ୍ଷେତ୍ରକୁ ବହୁତ ପ୍ରାଧାନ୍ୟ ଦେଉଥିଲେ। ସେ ନିଜେ ଅନେକ କାରଖାନା ପ୍ରତିଷ୍ଠା କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସବୁ ଗୁଡିକୁ ସରକାରଙ୍କୁ ଦେଇ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୋଧହୁଏ ଏଭଳି ନିଷ୍ପତ୍ତି ନେବାରେ, ସେ ଥିଲେ ବିଶ୍ୱର ଏକମାତ୍ର ବ୍ୟକ୍ତିତ୍ୱ। ଓଡିଶାକୁ ଶିଳ୍ପ କ୍ଷେତ୍ରରେ, ପଞ୍ଚାୟତିରାଜ କ୍ଷେତ୍ରରେ, ମହିଳା ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଚିନ୍ତାଧାରା ଥିଲା ଅନନ୍ୟ। ଆଜି ଆମ ସରକାର ବିଜୁ ବାବୁଙ୍କ ସେହି ପଥକୁ ଅନୁସରଣ କରୁଛି। ତାଙ୍କ ମାର୍ଗରେ ପରିଚାଳିତ ହୋଇ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ବିଜୁ ବାବୁଙ୍କ ମହିଳା ସଶକ୍ତିକରଣର ସ୍ୱପ୍ନକୁ ସାକାର କରିବାକୁ ଯାଉଛୁ। ଗାଁର ବିକାଶରେ ରାଜ୍ୟର ବିକାଶ – ଏହା ଥିଲା ବିଜୁ ବାବୁଙ୍କ ମତ। ସେଥିପାଇଁ ସେ ନାରା ଦେଇଥିଲେ, ଗାଁ କୁ କାମ, ମା କୁ ସମ୍ମାନ। ଯଦି ବିଜୁ ବାବୁଙ୍କ ଏହି ଉକ୍ତି ଉପରେ ସଠିକ୍ କାମ ହୋଇଥାନ୍ତା, ତେବେ ଆମେ ନିଶ୍ଚିତ ଭାବେ ବହୁ ଆଗକୁ ଯାଇପାରିଥାନ୍ତେ ଏବଂ ଗାଁର ଅର୍ଥନୀତି ସୁଦୃଢ ହୋଇପାରିଥାନ୍ତା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ



ଯେଉଁମାନେ ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ପ୍ରଚାର କରୁଥିଲେ, ସେମାନେ ଏହାକୁ ବାସ୍ତବରେ କାର୍ଯ୍ୟକାରୀ କଲେ ନାହିଁ। ଆଜି ଆମେ ଗାଁର ବିକାଶ ପାଇଁ ଯାହା ଆବଶ୍ୟକ, ତାକୁ ସବୁ କରୁଛୁ ଏବଂ ଆଗାମୀ ଦିନରେ ମଧ୍ୟ କରିବୁ। ଏଥିପାଇଁ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା କାର୍ଯ୍ୟକାରୀ କରାଯାଇ ୫ ବର୍ଷରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନା ଜରିଆରେ ବିଜୁ ବାବୁଙ୍କ ଗାଁର ବିକାଶ ସ୍ୱପ୍ନ ପୂରଣ ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ପାଇଛୁ । ଆଗାମୀ ଦିନରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାକୁ ଆମର ଉଦ୍ୟମକୁ ଆହୁରି ଯୋରଦାର କରାଯାଇ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଜୁ ବାବୁଙ୍କ ଦୃଢ ବିଶ୍ୱାସ ଥିଲା ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ପଞ୍ଚାୟତ ପ୍ରତିନିଧି ବା ସରପଞ୍ଚ ମାନଙ୍କୁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ ଦୃଷ୍ଟିରେ ଦେଖୁଥିଲେ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ଭଙ୍ଗା ଘଟଣା ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ଘଟଣା ଉପରେ ସରକାର ପଦକ୍ଷେପ ନେଇ ୩ ଜଣଙ୍କୁ ଗିରଫ କରାଯାଇଛି। ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ‘କଳିଙ୍ଗ ଫୁଟବଲ କପ୍’ ପୁନର୍ବାର ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହିତ ବିଜୁ ବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ୟୁନେସ୍କୋ କଳିଙ୍ଗ ପୁରସ୍କାର ପ୍ରଦାନ ଜାରି ରହିବ ବୋଲି କହିଥିଲେ ଏହି ଅବସରରେ ବିଜୁ ବାବୁଙ୍କ ଜୀବନୀ ସଂପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ଓ ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ବିଜୁ ବାବୁଙ୍କ ସହିତ ତାଙ୍କର ବ୍ୟକ୍ତିଗତ ରାଜନୈତିକ ଅନୁଭବକୁ ବର୍ଣ୍ଣନା କରି କହିଥିଲେ ଯେ ବିଜୁ ବାବୁ ସବୁବେଳେ ତୃଣମୂଳ ସ୍ତରର ଲୋକଙ୍କ ସେବା କରିବା ଉପରେ ଗୁରୁତ୍ୱ ଆରୋପ କରୁଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଲେ ଯେ ବିଜୁ ପଟ୍ଟନାୟକ ଏକ ନାଁ ନୁହେଁ, କିମ୍ବା ଗୋଟିଏ ଅନୁଷ୍ଠାନ ନୁହେଁ, ସେ ଥିଲେ ଅନେକ ଅନୁଷ୍ଠାନର ସମାହାର। ତାଙ୍କ ନୀତି ଓ ଆଦର୍ଶକୁ ଆମେ ସମସ୍ତେ ଅନୁସରଣ କରିବା ଆବଶ୍ୟକ। ବିଜୁ ବାବୁଙ୍କ ସ୍ମୃତିଚାରଣ କରି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ କହିଲେ ଯେ ପ୍ରତିକୂଳ ପରିସ୍ଥିତିରେ ଜୀବନର ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ବିଜୁ ବାବୁ ନିଜ ପାଇଁ ଓ ରାଜ୍ୟ ପାଇଁ ଅନେକ ଗୌରବ ଆଣିଥିଲେ। ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଜୁ ବାବୁ ଯେଉଁ ଉଦ୍ୟମ କରିଥିଲେ, ତାର ତୁଳନା ନାହିଁ। ଆଜିର ନୂଆ ସରକାର ମଧ୍ୟ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ଠାର ସହିତ କାମ କରୁଛି। ଓଡିଶାର ବିକାଶ ପାଇଁ ବିଜୁ ବାବୁ ଯେଉଁ ମୂଳଦୁଆ ପକାଇଥିଲେ, ଆଜିର ସରକାର ସେସବୁକୁ ଆଗେଇ ନେବା ପାଇଁ ଉଦ୍ୟମ କରି ଠିକ୍ ରାସ୍ତାରେ ଅଗ୍ରଗତି କରୁଛି ବୋଲି ଶ୍ରୀ ଘଡାଇ କହିଥିଲେ। ଏକାମ୍ର ବିଧାୟକ ବାବୁ ସିଂ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରି ଓଡିଶାରେ ମହିଳା ମାନଙ୍କୁ ରାଜନୀତିକୁ ଆଣିବାରେ ବିଜୁ ବାବୁଙ୍କର ଶ୍ରେଷ୍ଠ ଅବଦାନ ରହିଛି ବୋଲି ସେ କହିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ସ୍ୱାଗତ ଭାଷଣ ଦେଇଥିଲେ।

କାହା କଥାରେ ଯଦି କୌଣସି ଭୁଲ୍
କିମ୍ବା ଠିକ୍ ହୋଇଯାଉଥାନ୍ତା,
ତେବେ ଦୁନିଆ ସ୍ୱର୍ଗ ପାଲଟି
ଯାଇଥାନ୍ତା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ମାର୍ଚ୍ଚ, ୨୦୨୫

# ଫଳ ଭୋଗୁଛି ବିଜେଡି

ସମ୍ପାଦକୀୟ



ତାରକ ମହାନ୍ତି

ବିଜୁ ଜୟନ୍ତୀକୁ ନେଇ ନୂଆ ରାଜନୀତି। ମାର୍ଚ୍ଚ ୫ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନରେ ପଞ୍ଚାୟତିରାଜ ଦିବସ ପାଳନ ହେଉଥିଲା ବେଳେ ଚଳିତବର୍ଷ ମୋହନ ସରକାର କିଛି ନୂଆ ପଦକ୍ଷେପ ନେଇ ପଞ୍ଚାୟତିରାଜ ଦିବସର ତାରିଖ ବଦଳେଇଦେଇଛନ୍ତି। ଯାହାକୁ ନେଇ ଓଡ଼ିଶାରେ ନୂଆ ରାଜନୀତି। ଜାତୀୟ ପଞ୍ଚାୟତିରାଜ ଦିବସ ଅନୁସାରେ ଏହି ଦିବସ ପାଳନ କରିବା ବିଧେୟ। ପୂର୍ବରୁ ଯେତେବେଳେ ଓଡ଼ିଶାରେ କଂଗ୍ରେସ ଶାସନ କ୍ଷମତାରେ ଥିଲା ବିଜୁ ବାବୁଙ୍କ ଜୟନ୍ତୀରେ ଏହି ଦିବସ ପାଳନ ହେଉନଥିଲା। ଯେତେବେଳେ ରାଜ୍ୟରେ ବିଜେଡି ଶାସନ ଆସିଲା ଏବଂ ଡ଼କ୍ଟର ଦାମୋଦର ରାଉତ ପଞ୍ଚାୟତିରାଜ ମନ୍ତ୍ରୀ ଥିଲେ ସେହି ସମୟରେ ଏହି ଦିବସକୁ ଯୋଡ଼ା ଯାଇଥିଲା। ତେବେ ପୁରୁଣା ବିଜୁ ଜନତା ଦଳ ଓ ବର୍ତ୍ତମାନର ବିଜେଡି ସମାନ କଥା କି? ବିଜୁ ଅନୁଗତ, ବିଜୁ ଅନୁଗାମୀ ଏବଂ ବିଜୁ ବାବୁଙ୍କର ଯେତେ ସହଯୋଗୀ ତାଙ୍କୁ ତ ଦଳରେ ଗୁରୁତ୍ୱ ଦେଉନଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେବଳ ବିଜୁଙ୍କୁ ମୋହରା କରି ୨୪ ବର୍ଷର ଶାସନ ଗାଦିରେ ରହିପାରିଲେ। ଯେତେବେଳେ ଭାବିଲେ ଆଉ ବିଜୁ ବ୍ରାଣ୍ଡ କାମ କରୁନି ନବୀନ ଓଡ଼ିଶାର ଶୁଭାରମ୍ଭ କଲେ। ସେଥିରେ ବିଜୁଙ୍କ ସ୍ଥାନରେ ନବୀନ ଓ ନବୀନଙ୍କ ସ୍ଥାନରେ ଅକସ୍ମାତ ନେତା ହୋଇଥିବା ସରକାରୀ ବାବୁ ଭି କେ ପାଣ୍ଡିଆନ ସ୍ଥାନ ପାଇଗଲେ। ଏହା ୨୦୨୩ ମସିହା ପର ଠାରୁ ଘଟି ଚାଲିଲା। ଏହାର ଶୁଭାରମ୍ଭ ସେହି ନବୀନ ହିଁ କରିଥିଲେ। ଆଜି ଶାସନ କ୍ଷମତାରୁ ଯିବା ପରେ ପୁଣି ଥରେ ମନେପଡିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। କାରଣ ଏଇଆ ଯେ ନବୀନ ଯାହାକୁ ପ୍ରମୋଟ ବା ନିଜ ଉତ୍ତରାଧିକାରୀ ଚୟନ କଲେ ସେ ବିଜେଡି ପାଇଁ କାଳ ସାଜିଲେ। ତେଣୁ ସବୁ ଚକ୍ରାନ୍ତ ଧରା ପଡିବା ପରେ ଔଷଧ ବିକଳରେ ତାଟିଆ କାମୁଡିବା ଭଳି ବିଜୁ ଜୟନ୍ତୀକୁ ଏକ ରାଜନୈତିକ ଆୟୁଧ କରିବାକୁ ଚାହୁଁଚି। ଯଦିଓ ଦଳରେ ପୂର୍ବର ଶୃଙ୍ଖଳା ନାହିଁ କି ବିଜୁ ପ୍ରେମୀଙ୍କର ଉତ୍ସାହ ନାହିଁ ଏଭଳି ସମୟରେ ମଝି ବେଳର ବିଜ୍ଞାପନ ଭୁଲି ପୁଣି ବିଜୁ କଥା କାହିଁକି? ଏହା କେବଳ ନୂଆ ରାଜନୀତି। ପାଣ୍ଡିଆନ ଯୁଗର ଆରମ୍ଭ ଚିନ୍ତାରେ ଥିବା ନବୀନ ଏବେ ପୁଣି କେଉଁ ପ୍ରସଙ୍ଗ ଜରିଆରେ ପାଣ୍ଡିଆନଙ୍କୁ ଉପସ୍ଥାପିତ କରିବ ତାହା ବୋଧେ ତାଙ୍କ ଚିନ୍ତାଧାରା। କାରଣ ନବୀନ ଓଡ଼ିଆ ନଶିଖି ଓଡ଼ିଆ ଅସ୍ମିତାର ଯେଉଁ ସମାଲୋଚନା କରୁଛନ୍ତି ତାହା ତାଙ୍କ ନିକଟରେ କେତେ ଅଧିକ ସିଏ ନିଶ୍ଚୟ ବୁଝିଥିବେ। କ୍ଷମତା ମୋହରେ ଅନ୍ଧ ନବୀନ ବିଜୁଙ୍କ ସ୍ୱପ୍ନ ନାଁରେ ଦୀର୍ଘବର୍ଷ କ୍ଷମତା ଭୋଗ ଦଖଲ କରିଗଲେ। ଜଳ, ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ଲୁଟ କରିବା ସୁଯୋଗ ଦେଇ ସରଳ ଓଡ଼ିଆଙ୍କୁ ଭଲ ଠକିଦେଇଛନ୍ତି। ତଥାପି ସେ ପୁରୁଣା ଦିନ ଓ ଅଖଣ୍ଡ କ୍ଷମତା କଥା ଭାବି ଭାବି ବୋଧେ ନବୀନ ବାବୁଙ୍କ ଆଖିକୁ ନିଦ ଆସୁ ନଥିବ। ସନ୍ୟାସୀ ତ ଗୁମ୍ଫାକୁ ତପସ୍ୟାରେ ନଯାଇ ନିଜ ଓଡ଼ିଶାର ଚିତ୍ର ବୋଧେ ନବୀନ ନିବାସ ଭିତରେ ଆଙ୍କୁଛନ୍ତି! ଯାହାର ପ୍ରତିଫଳନ ବେଳେ ବେଳେ ବିରୋଧୀ ଦଳ ଭୂମିକାରେ ରହିଥିବା ବିଜେଡିର ତାଙ୍କ ମାର୍କା ନେତାଙ୍କୁ ପ୍ରଭାବିତ କରୁଛି। ଯେଉଁଥିପାଇଁ କିଛି ହାତଗଣା ବିଜେଡି ନେତା ଗଣମାଧ୍ୟମରେ ବୟାନ ରଖୁଛନ୍ତି। କିନ୍ତୁ କିଟ ଜମି ହଡପ ମାମଲାରେ ତଦନ୍ତ ଜୋର ହେଉ ଏକଥା ଦାବି କରୁନାହାନ୍ତି। ନିଜ ଶାସନ ସମୟରେ ହୋଇଥିବା ଦୁର୍ନୀତି ଉପରୁ କାଳେ ପରଦା ହଟିଯିବ ତାକୁ ନେଇ ବୋଧେ ଆଶଙ୍କାରେ ରହିଛନ୍ତି। ଓଡ଼ିଶାରେ ନବୀନ ଲୋକପ୍ରିୟ ହେବାକୁ ଯେତେଗୁଡିଏ ମାଗଣା ଯୋଜନା ହୋଇଛି ସେଥିରେ କାହାର କେତେ ଲାଭ ହୋଇଛି ଏହାର ବାସ୍ତବ ଆକଳନ ନକରି ତାଙ୍କ ଯୋଜନା ମୋହନ ସରକାର ନୂଆ ରଙ୍ଗରେ ସଜାଉଛନ୍ତି ବୋଲି ବେଳେ ବେଳେ ଅଭିଯୋଗ ଆଣୁଛନ୍ତି। ଏଇ ଦେଖୁନାହାନ୍ତି, ରାସନ କାର୍ଡ କେଳେଙ୍କାରୀ କଥା। କେତେ କେତେ ଧନୀ, ସରକାରୀ କର୍ମଚାରୀ ଏବଂ ଥିଲାବାଲା ନେଇଥିଲେ ତାହା ଏବେ ପଦାକୁ ଆସୁଛି। କିନ୍ତୁ ମୋହନ ସରକାର ପୂର୍ବ ସରକାର ପ୍ରତି ଯେଭଳି କଠୋର କାର୍ଯ୍ୟାନୁଷ୍ଠାନ ନେବା କଥା ତାହା ନେଉନଥିବାରୁ ବିଜେଡି ନେତାଏ ବୋଧେ ଶାନ୍ତିରେ ଅଛନ୍ତି। କ୍ଷମତାରେ ଥିଲାବେଳେ ନବୀନ ବାବୁ ନିଜ ପିତାଙ୍କ ନାଁରେ ମାଳ ମାଳ ଯୋଜନା କରିଥିଲେ। ସେତେବେଳେ ଓଡ଼ିଶାର କେଉଁ ବରେଣ୍ୟ ନେତାଙ୍କ ନାଁ ନଥିଲା। ସେ ଜାଣିଥିଲେ ଯେ ବିଜୁଙ୍କ ନାଁରେ ଭୋଟ ଅଛି। ତେଣୁ ବିଜୁଙ୍କ ନାଁରେ ଭୋଟ ମାଗିଲେ ସରଳ ଓଡ଼ିଆ ଭୋଟ ଦେଇଦେବେ। ହେଲେ ୨୩ ବର୍ଷ ଶାସନ କରିବା ପରେ ନିଜ ନାଁରେ ଭୋଟ ହୋଇଗଲାଣି ଭାବି ବିଜ୍ଞାପନ ଓ ପୋଷ୍ଟରରେ ଆଉ ବିଜୁ ଚିହ୍ନ ନରଖି ନିଜ ଫଟୋ ରଖିଦେଲେ ଆଉ ତାଙ୍କ ସ୍ଥାନରେ ରହିଲେ ପାଣ୍ଡିଆନ। ବିଜୁଙ୍କୁ ବାଦ ଦେଇ ତାଙ୍କ ସ୍ଥାନକୁ ଯାଇ ନବୀନ ଓଡିଶା ଗଢିବାର ଯେଉଁ ଦୁର୍ବାର ଇଚ୍ଛା ନବୀନ ପୋଷଣ କରିଥିଲେ ତାହା ତ ପୂରଣ ହେଲାନାହିଁ ବରଂ ହାତରୁ ଖସିଗଲା କ୍ଷମତା। କାଗଜ ବାଘ ଓ ଅସଲ ବାଘର ଚେହେରା ଧରା ପଡିଗଲା ୨୦୨୪ ନିର୍ବାଚନରେ। ଗତ ୯ ମାସ ହେଲା ଶାସନ କ୍ଷମତାରୁ ଯିବା ପରେ ବିଜେଡିର ନେତା ଓ କର୍ମୀଙ୍କ ମନରେ ଉତ୍ସାହ ଭରିବା ପାଇଁ ବିରୋଧୀ ଦଳ ଭାବେ ବିଜେପିର ତ୍ରୁଟି ଖୋଜା ଚାଲିଛି। ପଞ୍ଚାୟତିରାଜ ଦିବସ ଘୁଞ୍ଚିଯିବା ଫଳରେ ଏହାକୁ ପ୍ରସଙ୍ଗ କରିଛି ବିଜେଡି। ହେଲେ ଯେଉଁଦିନ ଜାତୀୟ ପଞ୍ଚାୟତିରାଜ ଦିବସ ସେଦିନ ମଧ୍ୟ ଓଡ଼ିଶାରେ ଏହି ଦିବସ ପାଳିତ ହେବ ବୋଲି ମୋହନ ସରକାରଙ୍କ ନିଷ୍ପତ୍ତି ତ ଭୁଲ ନୁହେଁ। ତେବେ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କଥା, ଯାହା ମୋହନ ସରକାର ରାଜ୍ୟ ସ୍ତରରେ ପାଳନ କଲେ। ଏଥିରେ ଅତିଥି ହେବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ପୁତ୍ର ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ନବୀନ ବାବୁ ସଭାକୁ ଆସିଲେ ନାହିଁ। ଏଥିରୁ ନବୀନଙ୍କ ବିଜୁ ବାବୁଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା କେତେ ଜଣାପଡିଗଲା। କେବଳ ରାଜନୈତିକ ଅଭିସନ୍ଧି ରଖି ନବୀନ ବାବୁ ବିଜୁ ଚିହ୍ନକୁ ବ୍ୟବହାର କରିଆସୁଥିଲେ। ସେତେବେଳେ ରାଜ୍ୟର ଅନ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କଥା ଆଦୌ ମନେ ପଡୁନଥିଲା। ବର୍ତ୍ତମାନ ଗୋଟେ ମିଛ ନାଟକ କରି ବିଜେପି ବିରୋଧରେ ରାଜ୍ୟବ୍ୟାପୀ ପ୍ରତିବାଦ କରିଛି ବିଜେଡି। ପଞ୍ଚାୟତିରାଜ ଦିବସ ସରକାର କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ପାଳନ କରିବାରେ ତ୍ରୁଟି କେଉଁଠି? ବିଜେଡି ପୂର୍ବରୁ ରାଜ୍ୟରେ ଯେଉଁ ସରକାର ଥିଲେ ସେମାନେ କଣ ଏହାକୁ ବିଜୁ ଜୟନ୍ତୀରେ ପାଳନ କରୁଥିଲେ ନା ଛୁଟି ଘୋଷଣା କରିଥିଲେ? ହେଲେ ବିଜୁଙ୍କୁ ନେଇ ବିଜେଡିର ନୂଆ ରଣନୀତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ବିଜୁ ଜନତା ଦଳର ନେତା ନୁହନ୍ତି। ସିଏ ଦେଶର ନେତା ଏବଂ ରାଜ୍ୟର ମଉଡମଣୀ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କୁ ବିଜେଡିରେ ନିର୍ବାଚନୀ ଚିତ୍ର ଭାବେ ଦର୍ଶାଇ ୨୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶାସନ କ୍ଷମତା ଉପଭୋଗ କରିବା ପରେ ବିଜୁ ବିହୀନ ବିଜେଡି କରିବା ଚକ୍ରାନ୍ତରେ ରହିଥିଲା। ଯେତେବେଳେ ଜଣେ ଅଣଓଡ଼ିଆ ନେତାଙ୍କ ଅକ୍ତିଆରକୁ ବିଜେଡି ଚାଲିଗଲା ଓଡ଼ିଶାର ଜନସାଧାରଣ ଏକଥାକୁ ସହଜରେ ଗ୍ରହଣ କଲେନାହିଁ। ଯାହାର ଫଳ ଭୋଗୁଛି ବିଜେଡି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# 'କିଟ୍' ଘଟଣାର ଉପଯୁକ୍ତ ତଦନ୍ତ ଆବଶ୍ୟକ!



ଅସିତ ମହାନ୍ତି

ଶିକ୍ଷା ଜଗତରେ, ବିଶ୍ୱ ଗୁରୁ ହେବାର ପଥରେ ଆମେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛୁ ଯେତେବେଳେ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଏକ ଅତ୍ୟନ୍ତ ଦୁଃଖଦ ଘଟଣା ଘଟିଥାଏ। ପ୍ରକୃତି ଲାମସାଲ ନାମକ ଜଣେ ଝିଅ ତୃତୀୟ ବର୍ଷର ବି.ବୈଶ୍ୟିକ ବିଦ୍ୟାର୍ଥୀ। ତାଙ୍କର ସମ୍ପର୍କ ଏକ ଅତ୍ୟନ୍ତ ଘୃଣ୍ୟ, ଅତ୍ୟନ୍ତ ଲଜ୍ଜାହୀନ, ରାଜନୈତିକ ପୃଷ୍ଠଭୂମି ଥିବା କ୍ଷମତା ମଦ୍ୟପାନ କରିଥିବା ବାଳକ ସହିତ ହୁଏ ଯିଏ ଲକ୍ଷ୍ନୌର ଅଟନ୍ତି। କୁହାଯାଉଛି ଯେ ରାଜନୈତିକ ପୃଷ୍ଠଭୂମିର ଏହି ବାଳକଙ୍କର ଏହି ଝିଅ ସହିତ ସମ୍ପର୍କ ଥିଲା। ସମ୍ପର୍କଟି ନଷ୍ଟ ହୋଇଗଲା, ବିଷାକ୍ତ ହୋଇଗଲା। ବିଷାକ୍ତ ସମ୍ପର୍କ କାରଣରୁ କିଛି ଲୋକ କହୁଛନ୍ତି ଯେ ବ୍ଲାକମେଲ୍ ମଧ୍ୟ ହେଉଥିଲା। ଅପମାନଜନକ ସମ୍ପର୍କର ଏକ ଛୋଟ ନମୁନା ସୋସିଆଲ ମିଡିଆରେ ଉପଲବ୍ଧ। ଦୁହିଁଙ୍କ ମଧ୍ୟରେ ଏଭଳି ଅପମାନଜନକ ସମ୍ପର୍କ ଚାଲିଥିଲା। ଝିଅଟି ପିଲାଟିର ବିରୁଦ୍ଧରେ ଅଭିଯୋଗ କରିବାକୁ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତୀୟ ସମ୍ପର୍କ ଅଧିକାରୀଙ୍କ ନିକଟକୁ ଯାଇଥିଲା, କିନ୍ତୁ ବିଶ୍ୱବିଦ୍ୟାଳୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଶେଷରେ, ଫେବୃଆରୀ ୧୬ ତାରିଖ ରାତିରେ, କ୍ୟାମ୍ପସ ଭିତରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ଝିଅଟି ତା'ର ଜୀବନ ହରାଇଥିଲା (ଆତ୍ମହତ୍ୟା)। ଏହା ହତ୍ୟା ନା ଆତ୍ମହତ୍ୟା ତଦନ୍ତ ପରେ ଜଣାପଡିବ, କାରଣ କେତେକ ଛାତ୍ରମାନଙ୍କ ଅନୁସାରେ ହତ୍ୟା କରି ଫ୍ୟାନ ରେ ଟାଙ୍ଗି ଦିଆଯାଇଛି। କିନ୍ତୁ ଏହା ପରେ ଏହି ବିଶ୍ୱବିଦ୍ୟାଳୟ କ'ଣ କଲା, ଏହି ପ୍ରସଙ୍ଗକୁ କିପରି ଦମନ କରିବାକୁ ଚେଷ୍ଟା କରାଯାଇଥିଲା। କାରଣ ସେହି ଛାତ୍ର ଜଣକ ହେଉଛନ୍ତି ୟୁପିର ଜଣେ ବିଜେପି ନେତା ମନୋଜ ଶ୍ରୀବାସ୍ତବଙ୍କ ପୁଅ। ସେଥିପାଇଁ ପିଲାଟିକୁ ଉଦ୍ଧାର କରାଯାଉଥିଲା କି? କିନ୍ତୁ କୌଣସି ବିଶ୍ୱବିଦ୍ୟାଳୟର ଏଭଳି ପ୍ରତିକ୍ରିୟା କେବେ ଦେଖିବାକୁ ମିଳିନାହିଁ। ରାଜନୈତିକ ବିରୋଧ, ଗିରଫଦାରୀ ସ୍ୱାଭାବିକ ହୋଇଯାଇଛି। କିନ୍ତୁ ଏଠାରେ, ଏହି ଜିନିଷକୁ ସ୍ୱାଭାବିକ କରିବା ଯେ ଛାତ୍ରମାନେ ସେମାନଙ୍କର ସ୍ୱର ଉଠାଇ ପାରିବେ ନାହିଁ, କିମ୍ବା ବିରୋଧ କରିପାରିବେ ନାହିଁ। ବିଶ୍ୱବିଦ୍ୟାଳୟ କିପରି ଭାବିଲା ଯେ ଆମେ ମଧ୍ୟ ଏହି ଲୋକମାନଙ୍କୁ ଦଣ୍ଡ ଦେବା ଉଚିତ୍? ବାଉନ୍ସର ଡକାଯାଇଥିଲା, ଗାର୍ଡ ଡକାଯାଇଥିଲା, ଛାତ୍ରମାନଙ୍କୁ ମାଡ଼ ମରାଯାଇଥିଲା। ସେମାନଙ୍କୁ କାହିଁକି ମାଡ଼ ମରାଯାଇଥିଲା? କାରଣ ସେମାନଙ୍କର ଭୁଲ ଥିଲା ଯେ ସେମାନେ ଏହାକୁ ଦମନ କରିବାକୁ ଚେଷ୍ଟା କରୁଥିବା ପ୍ରଶାସନର କଥା ଶୁଣିଲେ ନାହିଁ। କାରଣ ପିଲାମାନେ କହୁଥିଲେ ଯେ ଆପଣ ଶବକୁ ନିଜ ଦଖଲକୁ ନେଇଛନ୍ତି, ପିତାମାତା ଆସିବା ପୂର୍ବରୁ ଆପଣ ଶବ ବ୍ୟବଚ୍ଛେଦ କରିବାକୁ ଚେଷ୍ଟା କରିଛନ୍ତି। ଆପଣ ଆମକୁ ସ୍ୱର ଉଠାଇବାକୁ ଦେଉ ନାହାଁନ୍ତି, ବୋଧହୁଏ ଏହି ବାଳକକୁ ମଧ୍ୟ ଏଡ଼ାଇବାକୁ ଚେଷ୍ଟା କରାଯାଇଥିଲା। ତେଣୁ ଯେତେବେଳେ ସେମାନେ ରାସ୍ତା ଅଟକାଇଲେ, ଯେତେବେଳେ ସେମାନେ ରାସ୍ତା ଅବରୋଧ କଲେ। ତେଣୁ ରାସ୍ତା ଅବରୋଧ କାରଣରୁ ପ୍ରଶାସନ ଏହି ଅନ୍ୟାୟ ବିସ୍ତାର କରିବାର ଏକ ସୁଯୋଗ ହାତଛଡ଼ା କରୁଛି। ହଠାତ୍ ବିଶ୍ୱବିଦ୍ୟାଳୟଟି ଏକ ଛାତ୍ର ଗୋଷ୍ଠୀ ପାଇଁ ବିଶ୍ୱବିଦ୍ୟାଳୟକୁ ବନ୍ଦ ଘୋଷଣା କରୁଛି। ଆମେ ଏହାକୁ ନେପାଳୀ ଛାତ୍ରମାନଙ୍କ ପାଇଁ ବନ୍ଦ କରି ଦେଇଛୁ ଏବଂ ଆଜି ହିଁ ଆପଣ ନିଜର ଛାତ୍ରାବାସ ଖାଲି କରିଦେବେ। ଏବଂ ଛାତ୍ରମାନଙ୍କୁ ବସରେ ଭର୍ତ୍ତି କରି କଟକ ରେଳ ଷ୍ଟେସନରେ ଛାଡ଼ି ଦିଆଯାଇଥିଲା...। ଆମ ଦେଶ ଏତେ ଖରାପ ସ୍ଥିତିରେ ଅଛି ଯେ ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟ ସରକାରଙ୍କ ଠାରୁ ପ୍ରେରଣା ନେଉଛନ୍ତି। କିଛି ଦିନ ପୂର୍ବରୁ, କିପରି ଦିଲ୍ଲୀ ରାଜଧାନୀରେ, ରେଳ ଷ୍ଟେସନରେ, ମୃତ୍ୟୁକୁ ଦମନ କରାଯାଉଥିଲା। ତେଣୁ, ବର୍ତ୍ତମାନ ସେମାନେ କହିଛନ୍ତି ଯେ ଆମେ ଛାତ୍ରମାନଙ୍କ ସ୍ୱରକୁ ମଧ୍ୟ ଦମନ କରୁଛୁ। କିନ୍ତୁ ଛାତ୍ରଛାତ୍ରୀମାନେ ସେମାନଙ୍କର ସ୍ୱର ଉତ୍ତୋଳନ କରିବା ବନ୍ଦ କରିନଥିଲେ। ଡିଜିଟାଲ୍ ଠାରୁ ଆରମ୍ଭ କରି ମୁଖ୍ୟ ଧାରା ପର୍ଯ୍ୟନ୍ତ, ରାଜନୈତିକ ଧାରା ପର୍ଯ୍ୟନ୍ତ ପ୍ରତ୍ୟକ ସ୍ଥାନରେ ସେମାନେ ଯୋଗାଯୋଗ କରିଥିଲେ। ଶେଷରେ ପରିସ୍ଥିତି ଏପରି ହୋଇଥିଲା ଯେ ନେପାଳର ପ୍ରଧାନମନ୍ତ୍ରୀଙ୍କୁ ଟ୍ୱିଟ୍ କରି କୂଟନୈତିକ ଚ୍ୟାନେଲଗୁଡ଼ିକୁ ସକ୍ରିୟ କରିବାକୁ ପଡ଼ିଥିଲା। କାରଣ, କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସ ସମ୍ମୁଖରେ ମଧ୍ୟ ନେପାଳ ଛାତ୍ର ସଂଘ ବିରୋଧ ପ୍ରଦର୍ଶନ ଆରମ୍ଭ କରିଥିଲା। ଏହି ପ୍ରସଙ୍ଗରେ ନେପାଳ ଛାତ୍ର ସଂଘ ନେପାଳ ସରକାରଙ୍କୁ ଭାରତ ସରକାରଙ୍କ ସହ ଆଲୋଚନା କରିବାକୁ ଚାପ ପକାଇଥିଲା। ନେପାଳ ସରକାରଙ୍କ ପ୍ରୟାସ ଛାତ୍ରମାନଙ୍କ ପାଇଁ କାମରେ ଆସିଥିଲା। ଯେତେବେଳେ ନେପାଳ ସରକାର କହିଥିଲେ ଯେ ଆମେ ଆଗାମୀ ସମୟରେ ସେହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କୁ ଏନଓସି ଦେବୁ ନାହିଁ। ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟ ବୁଝିପାରିଥିଲା ଯେ ଯଦି ଗୋଟିଏ ବର୍ଷ ମଧ୍ୟରେ ୭୦୦ ପିଲା ପଢ଼ିବେ ନାହିଁ, ତେବେ ବିପୁଳ ପରିମାଣର ଅର୍ଥ ନଷ୍ଟ ହୋଇଯିବ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଆର୍ଥିକ କ୍ଷତି ହେବ। ନେପାଳ ସରକାରଙ୍କ ଚାପ ପରେ ଏହି ମାମଲାର ସମାଧାନ କରାଯାଇଥିଲା। ଯଦି ନେପାଳୀ ଛାତ୍ରମାନେ ସ୍ୱର ଉତ୍ତୋଳନ କରିନଥାନ୍ତେ, ତେବେ ବିଶ୍ୱବିଦ୍ୟାଳୟ ଏହି ମାମଲାକୁ ଦମନ କରିବାରେ ସଫଳ ହୋଇଥାନ୍ତା।

ଆପଣ ଜଣେ ମହିଳା ପ୍ରଫେସରଙ୍କୁ ଦେଖନ୍ତୁ, ସେ କହନ୍ତି, ବିଶ୍ୱବିଦ୍ୟାଳୟର ଜି. ଡି. ପି. ନେପାଳ ତୁଳନାରେ ଅଧିକ... ଆମର ପ୍ରତିଷ୍ଠାତା ତୁମପରି ୪୦,୦୦୦ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ଏହା ଅସମ୍ମାନଜନକ ଶବ୍ଦ ନୁହେଁ କି? ଏହା କ'ଣ ଦେଶର ନାମକୁ ନଷ୍ଟ କରୁନାହିଁ? ଏଭଳି ଘୃଣ୍ୟ ମନ୍ତବ୍ୟ! ତା 'ପରେ ଯେତେବେଳେ ବିବୃତ୍ତି ଭାଇରାଲ ହେଲା, ସେତେବେଳେ ବୁଝାଗଲା ଯେ ଏହି ମାମଲା ନିୟନ୍ତ୍ରଣ ବାହାରକୁ ଯାଉଛି। ରେଜିଷ୍ଟ୍ରାରଙ୍କୁ ଏକ ବିବୃତ୍ତି ଦେବାକୁ ଏବଂ ଛାତ୍ରମାନଙ୍କୁ ଫେରି ଆସିବାକୁ କୁହାଯାଇଥିଲା। ତେଣୁ, ଆପଣ ଦେଖନ୍ତୁ, ପ୍ରଥମ ନୋଟିସଟି ଥିଲା 'ବାହାରିଯାଅ' ଏବଂ ତା 'ପରେ ଦ୍ୱିତୀୟ ନୋଟିସଟି ଥିଲା' ଦୟାକରି ଫେରିଆସ'। କିନ୍ତୁ ଅନେକ ଛାତ୍ର ଦେଖାଇ ଦେଉଥିଲେ ଯେ ସେମାନଙ୍କଠାରୁ ଏନ୍. ଡି. ଏ.( Non-Disclosure Agreement) ସ୍ୱାକ୍ଷରିତ ହେଉଛି ଏବଂ ଏହା ପ୍ରଦର୍ଶିତ ହେଉଥିଲା ଯେ ସେମାନଙ୍କୁ ହଷ୍ଟେଲ୍ କୁ ଫେରାଇ ନିଆଯାଉଛି ଏକ ଅନୁଗ୍ରହ ଭାବରେ ଯେ ସେମାନେ ଭୁଲ କରିଛନ୍ତି, କଲେଜ କିମ୍ବା ବିଶ୍ୱବିଦ୍ୟାଳୟର କୌଣସି ଭୁଲ ନାହିଁ। ଅର୍ଥାତ୍ କଲେଜ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରୁଥିଲା। ଯେତେବେଳେ ଏହି ମାମଲା ଭାରତ ବାହାରେ ଭାଇରାଲ ହେଲା ସେତେବେଳେ ବିଶ୍ୱବିଦ୍ୟାଳୟ କହିଲା, ଚାଲ ଆମେ ସମ୍ପୂର୍ଣ୍ଣ କ୍ଷମା ମାଗୁ। ଏବଂ ଶେଷରେ ଏକ କ୍ଷମା ପ୍ରାର୍ଥନା ଆସେ ଯେତେବେଳେ ନେପାଳ ପ୍ରଧାନମନ୍ତ୍ରୀ କିଟ୍ ର ପ୍ରତିଷ୍ଠାତାଙ୍କ ସହ କଥାବାର୍ତ୍ତା କରନ୍ତି। ବର୍ତ୍ତମାନ ଛାତ୍ରମାନଙ୍କୁ ଫେରାଇ ଆଣିବା ପାଇଁ ଆଲୋଚନା ଜାରି ରହିଛି ଏବଂ ନେପାଳୀ ଛାତ୍ରମାନଙ୍କୁ ଅସମ୍ମାନଜନକ ଶବ୍ଦ କହିଥିବା ମଞ୍ଜୁଷା ପାଣ୍ଡେଙ୍କୁ ନିଲମ୍ବିତ କରାଯାଇଛି। ଛାତ୍ରମାନଙ୍କୁ ମାଡ଼ ମାରିଥିବା ଗାର୍ଡମାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଶେଷରେ ନିମ୍ନମାନର ଶ୍ରମିକମାନେ ଫାଶରେ ପଡ଼ନ୍ତି। ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯେ ବିଶ୍ୱବିଦ୍ୟାଳୟ କାହିଁକି ଏତେ ପ୍ରତିକ୍ରିୟା ପ୍ରକାଶ କଲା? ପିଲାଟିକୁ ବଞ୍ଚାଇବାକୁ କୌଣସି ପ୍ରୟାସ ହୋଇଛି କି? କାରଣ ପିଲାଟି ହେଉଛି ମନୋଜ ଶ୍ରୀବାସ୍ତବଙ୍କ ପୁଅ (ୟୁପିର ଜଣେ ବିଜେପି ନେତା)। ଅଚ୍ୟୁତ ସାମନ୍ତ ମଧ୍ୟ ବିଜୁ ଜନତା ଦଳ ଶାସନ କାଳରେ ଜଣେ ରାଜନୈତିକ ବ୍ୟକ୍ତି ଥିଲେ ଏବଂ ନିକଟରେ ନିର୍ବାଚନ ହାରିବା ପରେ ରାଜନୀତିରୁ ଅବସର ନେଇଥିଲେ। ଦ୍ୱିତୀୟରେ, ଏହି ବିବୃତ୍ତି ଯେ ପ୍ରତିଷ୍ଠାତା ତୁମପରି ୪୦,୦୦୦ ଲୋକଙ୍କୁ ଖୁଆଉଛନ୍ତି, ତା 'ପରେ ୨୦ -୨୨ ଲକ୍ଷ ଛାତ୍ର ସେମାନଙ୍କ ପାଠ୍ୟକ୍ରମ ପାଇଁ ଦେଉଛନ୍ତି, ସେମାନେ ଏହାକୁ ମାଗଣାରେ ଦେଉଛନ୍ତି କି? ଛାତ୍ରଛାତ୍ରୀମାନେ ଏଥିପାଇଁ ମୂଲ୍ୟ ଦେଇଛନ୍ତି, ତେବେ ଏହି ମନୋଭାବ କ 'ଣ? ବାସ୍ତବରେ ସେମାନେ ଜାତିଗତ ଦୁର୍ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ତଦନ୍ତ... ଏହି ବାଳକ, ମନୋଜ ଶ୍ରୀବାସ୍ତବଙ୍କ ପୁଅ, ସେ ଯାହା ସବୁ କରିଛି, ବ୍ଲାକମେଲ୍ ଅଭିଯୋଗ, ଏହା ସତ୍ୟ କି ନୁହେଁ। ବିଶ୍ୱବିଦ୍ୟାଳୟ ଏହାକୁ ଦମନ କରିବାକୁ ଚେଷ୍ଟା କରିଥିଲା, ଯାହାର ନିଷ୍ପତ୍ତି ଛାତ୍ରମାନଙ୍କୁ ବହିଷ୍କାର କରିବା ଥିଲା? ସେଠାରେ ପୋଲିସ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ନ୍ୟାୟକୁ ଏବେ ବି ଅପେକ୍ଷା କରାଯାଇଛି, କାରଣ ଏହି ବାଳକକୁ ଫାଷ୍ଟ ଟ୍ରାକ୍ କୋର୍ଟରେ ତଦନ୍ତ କରିବାକୁ ପଡିବ। ତା 'ହେଲେ ହିଁ ଆମେ ବୁଝିପାରିବା ଯେ ମାମଲାଟି କ'ଣ ଥିଲା? ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି, ନେପାଳ ହେଉଛି ଆମର ପଡ଼ୋଶୀ ଦେଶ। ବେଳେବେଳେ ବିନା ପାସପୋର୍ଟରେ ଆମେ ଦେଶ ଭିତରକୁ ପ୍ରବେଶ କରୁ। କିନ୍ତୁ ଏହି ଘଟଣା ଦେଶ ସହିତ ସମ୍ପର୍କ ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି କରିଛି। ଏହି ନିନ୍ଦନୀୟ ଘଟଣା ଏକ ଏପରି ସମୟରେ ହୋଇଛି ,ଯେତେବେଳେ ଭାରତର ପଡୋଶୀ ଦେଶ , ଶ୍ରୀଲଙ୍କା , ପାକିସ୍ତାନ ଏବଂ ନେପାଳ ଭାରତକୁ ଛାଡି ଚୀନ ଆଡକୁ ମୁହାଁଇଛନ୍ତି । ତେଣୁ ଘଟଣାର ସଠିକ ତଦନ୍ତ ହେବା ଆବଶ୍ୟକ। ଯଦି ଏହି ଘଟଣାର ସଠିକ୍ ତଦନ୍ତ କରାଯାଏ, ତେବେ କେବଳ ପ୍ରକୃତିଙ୍କ ଆତ୍ମହତ୍ୟା ନୁହେଁ, ବରଂ 'କିଟ୍'ର ଲୁକ୍କାୟିତ ସୂଚନା ମଧ୍ୟ ଉନ୍ମୋଚିତ ହେବ।

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୪୩୭୨୮୮୦୨୮*

# ଟ୍ରମ୍ପ-ଜେଲେନସ୍କି ସାକ୍ଷାତର ଫଳାଫଳ



ସୌମେନ୍ଦ୍ର ଜେନା

ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ମଧ୍ୟରେ ନିକଟରେ ହୋଇଥିବା ସାକ୍ଷାତ ପରେ ଏବେ ପୃଥିବୀରେ ଅନେକ କିଛି ପରିବର୍ତ୍ତନ ହେବାକୁଯାଉଛି,ଯାହାକୁ କେନ୍ଦ୍ରକରି ଚର୍ଚ୍ଚା ସବୁଠି। ନିକଟରେ ଜେଲେନସ୍କି ଏବଂ ଟ୍ରମ୍ପ ପରସ୍ପରକୁ ଆମେରିକାରେ ଭେଟିଥିଲେ। ସେହି ଆଲୋଚନା ବେଳେ ଟ୍ରମ୍ପଙ୍କ ସହ ଆମେରିକାର ଉପ ରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଉପସ୍ଥିତ ରହିଥିଲେ। ଓଭାଲ ଅଫିସଠାରେ ହୋଇଥିବା ଉକ୍ତ ସାକ୍ଷାତବେଳେ ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତିଙ୍କୁ କୃତଘ୍ନ ବୋଲି କହିଥିଲେ। ବିଗତ ଦିନରେ ରୁଷିଆ ଆକ୍ରମଣ ପରଠାରୁ ବିନା ଲାଭରେ ୧୮୦ବିଲିଅନ ଡଲାର ସହାୟତା ଆମେରିକା ଦେଇଥିବା କଥା କହିଥିଲେ।

ଗତବର୍ଷ ନିର୍ବାଚନ ପ୍ରଚ୍ଚର ବେଳେ କ୍ଷମତାକୁ ଆସିଲେ ୟୁକ୍ରେନ -ରୁଷିଆ ଯୁଦ୍ଧକୁ ବନ୍ଦ କରିବେ ବୋଲି ଟ୍ରମ୍ପ ଘୋଷଣା କରିଥିଲେ । ଯୁଦ୍ଧକୁ ନେଇ ସେ ଜେଲେନସ୍କିଙ୍କୁ ସମାଲୋଚନା କରିବା ବେଳେ ରୁଷିଆ ରାଷ୍ଟ୍ରପତି ପୁଟିନ ତାଙ୍କ କଥାକୁ ସମ୍ମାନ ଦେବେ ବୋଲି ତାଙ୍କର ଭରସା ରହିଥିବା ବିଷୟ ଟ୍ରମ୍ପ ଘୋଷଣା କରିଥିଲେ । ନିକଟରେ ଜେଲେନସ୍କି କହିଥିଲେ ଯେ ଯୁଦ୍ଧ ଏତେ ଶୀଘ୍ର ଶେଷ ହେବାର ନାହିଁ । ଯୁଦ୍ଧ ଶେଷ କରିବାକୁ ବୁଝାମଣାକୁ ଆସିବାପାଇଁ ସମୟ ଲାଗିବ। ଜେଲେନସ୍କିଙ୍କ ମନ୍ତବ୍ୟକୁ ଏବେ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ଟ୍ରୁଥ ସୋସିଆଲରେ ସମାଲୋଚନା କରିବା ସହ ଜେଲେନ୍ସ୍କିଙ୍କ ମନ୍ତବ୍ୟକୁ ସବୁଠୁ ଖରାପ ବୋଲି ଲେଖିଥିଲେ। କିନ୍ତୁ ଜେଲେନସ୍କି ଚତୁରତାର ସହ ଟ୍ରମ୍ପଙ୍କ ନାମ ନ ନେଇ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଲେଖିଥିଲେ ଯେ ଯେତେଶିଘ୍ର ସମ୍ଭବ ଆମେ ଯୁଦ୍ଧଶେଷ କରିବାକୁ ଆମ କୂଟନୀତିକ ପ୍ରୟାସ ଜାରି ରଖିବୁ । ସେ ପୁଣି ଲେଖିଥିଲେ ଯେ ଯୁଦ୍ଧ ଆମର ସହରକୁ ଧ୍ୱଂସ କରିଛି, ଧନ ଜୀବନକୁ ଧ୍ୱଂସ କରିଛି,ସୁରକ୍ଷାର ଗ୍ୟାରେଣ୍ଟି ପାଇଲେ ଆମେ ଯୁଦ୍ଧ ବନ୍ଦ କରିବୁ ।

ଟ୍ରମ୍ପଙ୍କ ସହ ଆଲୋଚନା ବେଳେ ସମସ୍ତେ ଆଶା କରୁଥିଲେ ଯେ ଉଭୟ ନେତା ଯୁଦ୍ଧ ବନ୍ଦ କରିବାକୁ ବାଟ ଫିଟାଇବେ । କିନ୍ତୁ ଟ୍ରମ୍ପ ଯୁଦ୍ଧକୁ ଜଲୁରଖି ପୃଥିବୀକୁ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ନେଇଯିବା ପାଇଁ ଜେଲେନ୍ସ୍କି ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ । ଟ୍ରମ୍ପଙ୍କ ଏହି କଠୋର ମନ୍ତବ୍ୟ ଶୁଣି ଜେଲେନସ୍କି କୌଣସି ପ୍ରକାର ବୁଝାମଣା ନକରି ଆମେରିକାରୁ ଚାଲିଆସିଥିଲେ । କାରଣ ଟ୍ରମ୍ପଙ୍କ କଥା ମାନିନେଲେ ତାଙ୍କୁ ଆଗାମୀ ଦିନରେ ନିର୍ବାଚନ କରିବାକୁ ହେବ । ସେଥିରେ ସେ ପରାସ୍ତ ହେଲେ କ୍ଷମତା ମଧ୍ୟ ହରାଇବାକୁ ପଡିପାରେ। ନିର୍ବାଚନ ହେଲେ ରୁଷିଆ ଏବଂ ଆମେରିକା ଦୁଇ ପ୍ରଭାବଶାଳୀ ରାଷ୍ଟ୍ର ମିଶି ତାଙ୍କୁ ହରାଇବାକୁ ସବୁ ପ୍ରକାର ପ୍ରୟାସ କରିବେ ବୋଲି ଜେଲେନସ୍କିଙ୍କ ମନରେ ଆଶଙ୍କା ରହିଥିବା ହେତୁ ସେ କ୍ଷମତାରେ ରହିବାପାଇଁ ଯୁଦ୍ଧର ଅନ୍ତକୁ ବିଳମ୍ବିତ କରିବାକୁ ଚେଷ୍ଟା କରୁଛନ୍ତି। ଟ୍ରମ୍ପ-ଜେଲେନସ୍କିଙ୍କ ମଧ୍ୟରେ ମତଭେଦକୁ ଲକ୍ଷ୍ୟକରି ଉଭୟଙ୍କ ମଧ୍ୟରେ ମଧ୍ୟସ୍ଥି କରିବାକୁ ରୁଷିଆ ଘୋଷଣାକରି ପରୋକ୍ଷରେ ଜେଲେନସ୍କିଙ୍କୁ ଉପହାସ କରିବାକୁ ଭୁଲିନାହିଁ। ଏହି ସମୟରେ ଏଲନ ମସ୍କ ତାଙ୍କ ସୋସିଆଲ ମଡିଆ ଆକାଉଣ୍ଟରେ ଜେଲେନସ୍କିଙ୍କୁ କ୍ଷମତାରୁ ହଟାଇ ଗଣତାନ୍ତ୍ରିକ ସରକାରକୁ କ୍ଷମତାକୁ ଆଣିବାକୁ ଆହ୍ୱାନ ଦେଇଛନ୍ତି। ଜେଲେନସ୍କି ନ ହଟିବା ପର୍ଯ୍ୟନ୍ତ ଶାନ୍ତି ସ୍ଥାପନା ହେବନାହିଁ ବୋଲି ମସ୍କ ମତ ଦେଇଛନ୍ତି । ୟୁକ୍ରେନ ଯୁଦ୍ଧ ଆଳରେ ଆମେରିକାଠାରୁ ଆର୍ଥିକ ଓ ସାମରିକ ସହାୟତା ଲାଭକରି ଆଜିଯାଏଁ ଯୁଦ୍ଧ ଲଢୁଥିବା ୟୁକ୍ରେନର ରାଷ୍ଟ୍ରପତି ଏହିସବୁ ସହାୟତାରୁ ବେଶ୍ ଲାଭବାନ ହୋଇଥିବାର ସନ୍ଦେହ କେବଳ ଖାଲି ଟ୍ରମ୍ପ କିମ୍ବା ମସ୍କ ନୁହନ୍ତି, ପୃଥିବୀର ଅନେକ ବଡବଡ ନେତା ମଧ୍ୟ କରୁଛନ୍ତି । ହ୍ୱାଇଟ୍ ହାଉସର ଓଭାଲ ଅଫିସଠାରେ ଟ୍ରମ୍ପ ଏବଂ ଜେଲେନସ୍କିଙ୍କ ମଧ୍ୟରେ ଆଲୋଚନା ବିଫଳ ହେବାପରେ ମୂଲ୍ୟବାନ ଖଣିଜପଦାର୍ଥର ବୁଝାମଣା ହୋଇନଥିଲା। ଟ୍ରମ୍ପଙ୍କ କଥାରେ ଜେଲେନସ୍କି ଅରାଜି ହୋଇ ଦେଶକୁ ଫେରିଆସିଥିଲେ । ପରେ ପରେ ସେ ୟୁରୋପର ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀର ଶାସକମାନଙ୍କ ସହ କଥା ହେଲେ । ଏହାକୁ ଏକ ସୁଯୋଗ ମନେକରି ଜର୍ମାନୀ ଏବଂ ଫ୍ରାନ୍ସ ଜେଲେନସ୍କିଙ୍କୁ ସବୁପ୍ରକାର ସହାୟତା ଯୋଗାଇ ଦେବାକୁ କହିଲେ ଏବଂ ବ୍ରିଟେନର ପ୍ରଧାନମନ୍ତ୍ରୀ ଷ୍ଟେମର ନିଜ ସେନାଙ୍କୁ ୟୁକ୍ରେନ ପଠାଇବା ଲାଗି ପ୍ରତିଶ୍ରୁତି ଦେଲେ । ଏକଥା ସତ ଯେ ୟୁରୋପର ନେତାମାନେ ନିଜନିଜ ମଧ୍ୟରେ ଶ୍ରେୟ ନେବା ପ୍ରତିଯୋଗିତାରେ ଥିଲେ ମଧ୍ୟ କୌଣସି ଗୋଟିଏ ରାଷ୍ଟ୍ର ରୁଷିଆ ସହ ସମ୍ମୁଖ ଯୁଦ୍ଧକୁ ଯିବାକୁ ଚାହିଁନାହାନ୍ତି । ତା'ହେଲେ ୟୁରୋପରେ ତୃତୀୟ ବିଶ୍ୱଯୁଦ୍ଧର ଭୟାବହତା ଦେଖିବାକୁ ମିଳିବ । ଏହାକୁ ଲକ୍ଷ୍ୟ କରି ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତକାଳରେ ଏକାକୀ ଲଢି ରୁଷିଆକୁ ହରାଇପାରିବ କି ବୋଲି ଟ୍ରମ୍ପ ଷ୍ଟେମରଙ୍କୁ ପଚାରିଥିଲେ । ଆଜି ମାତ୍ର ୨୯ଟି ଟ୍ୟାଙ୍କ ପାଖରେ ରଖିଥିବା ବ୍ରିଟେନ ଯାହାଖାଲି ବାୟୁସେନାକୁ ଆଧାର କରି ଯୁଦ୍ଧ ଲଢିବାକୁ ଚାହୁଁଛି । କିନ୍ତୁ ବ୍ରିଟେନ ଏବଂ ରୁଷିଆର ଦୂରତା ଯୋଗୁ ଏହା ଏତେଟା ସହଜ ହେବନାହିଁ । କାରଣ ନିକଟରେ ବ୍ରିଟେନର ଏକ ପୋତରେ ଅସ୍ତ୍ରଶସ୍ତ୍ର ୟୁକ୍ରେନକୁ ପଠାଯାଉ ଥିବା ବେଳେ ରୁଷିଆ କ୍ଷେପଣାସ୍ତ୍ର ମାଡକରି ପୋତଟିକୁ ଧ୍ୱଂସ କରିଦେଇଛି । ଅନ୍ୟପକ୍ଷରେ କହିଲେ ବ୍ରିଟେନ ସେନା ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ସେମିତି କିଛି ବଡଯୁଦ୍ଧ ଲଢିନାହିଁ, ଯାହା ବି ଲଢିଛି ଆମେରିକାର ସହଯୋଗୀ ହୋଇ । ଜର୍ମାନୀର ଅବସ୍ଥା ମଧ୍ୟ ସେମିତି କିଛି ଭଲ ନୁହେଁ। ରୁଷିଆ ସେନା ସହ ଏକାକୀ ଲଢି ଜର୍ମାନୀ ବିଜୟୀ ହେବା ସ୍ଥିତିରେ ନାହିଁ । କେବଳ ଫ୍ରାନ୍ସ ୟୁରୋପୀୟ ସଂଘ ମଧ୍ୟରେ ଏକମାତ୍ର ଶକ୍ତିଶାଳୀ ଦେଶ ଯିଏକି ସବୁ କ୍ଷେତ୍ରରେ ସାମ୍ନା କରିବାକୁ ସାହସ କରିପାରେ, ଯେଉଁଥିପାଇଁ ରାଷ୍ଟ୍ରପତି ମାକ୍ରୋନ ୟୁରୋପର ନେତୃତ୍ୱ ନେବାଲାଗି କହୁଛନ୍ତି ।

ୟୁରୋପୀୟ ସଂଘର ମୋଟ ୨୭ଟି ରାଷ୍ଟ୍ର ମଧ୍ୟରୁ କେବଳ ହଙ୍ଗେରୀ ଏହି ଯୁଦ୍ଧର ସମର୍ଥକ ନୁହେଁ । କିନ୍ତୁ ୟୁରୋପୀୟ ସଂଘ ଚାପ ପ୍ରୟୋଗ କରି ହଙ୍ଗେରୀକୁ ନିଜ ପ୍ରସ୍ତାବରେ ମନେଇବାକୁ ଚାହୁଁଛି । ମୂଳରୁ ୟୁକ୍ରେନ-ରୁଷିଆ ଯୁଦ୍ଧକୁ କେନ୍ଦ୍ରକରି ୟୁରୋପର ରାଷ୍ଟ୍ରଗୁଡିକ ମଧ୍ୟରେ ଅନେକ ମତଭେଦ ରହିଆସିଛି । କିନ୍ତୁ ଟ୍ରମ୍ପ ଏବଂ ଏଲନ ମସ୍କଙ୍କ ଘୋଷଣାରେ ସମସ୍ତେ ଏବେ ଜେଲେନସ୍କିଙ୍କୁ ସମର୍ଥନ କରିବାକୁ ଘୋଷଣା କରିଛନ୍ତି । ଜେଲେନସ୍କି ମଧ୍ୟ ଏହାକୁ ସୁଯୋଗ ମନେକରି ୟୁରୋପୀୟ ସଂଘର ବୈଠକରେ ହାଜର ହୋଇଛନ୍ତି। କିନ୍ତୁ ବିନା ଆମେରିକାର ସହଯୋଗରେ ୟୁରୋପୀୟ ରାଷ୍ଟ୍ର ରୁଷିଆ ବିରୋଧରେ ଯୁଦ୍ଧ ପାଇଁ ବାହାରିଲେ ରୁଷିଆ ଚୀନ ଉତ୍ତର କୋରିଆ-ଇରାନର ମିଳିତ ସେନାଙ୍କୁ ସାମ୍ନା କରିବାକୁ ହୋଇପାରେ। ସେହି ପରିସ୍ଥିତିରେ ଆଫଗାନିସ୍ଥାନ ପରି ଲଢୁଆ ସ୍ଥଳସେନା ଥିବା ରାଷ୍ଟ୍ର ରୁଷିଆକୁ ସମର୍ଥନ କରିପାରେ । ସ୍ଥଳଭାଗରେ ସମ୍ମୁଖ ଯୁଦ୍ଧକୁ ଏଡାଇବାକୁ ଚାହୁଁଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପାଇଁ ତାଲିବାନର ସନ୍ତ୍ରାସୀ ସେନା ଭୟଙ୍କର ହୋଇପାରେ । କାରଣ ରୁଷିଆ ବିଗତ ଦିନମାନଙ୍କରେ ଛୋଟ ଛୋଟ ଏସିଆର ରାଷ୍ଟ୍ରଗୁଡିକ ସହ ଭଲସଂପର୍କ ରକ୍ଷାକରିବାକୁ ପ୍ରୟାସ କରିଆସିଛି ।

ଟ୍ରମ୍ପ-ଜେଲେନସ୍କିଙ୍କ ସାକ୍ଷାତର ପରିଣାମସ୍ୱରୂପ ଏବେ ପୃଥିବୀର ଦୁଇଟି ମହାଶକ୍ତି ନିକଟତର ହୋଇଛନ୍ତି । ଯୁଦ୍ଧକୁ ଯାଇ ମଧ୍ୟ ନିଜ ଅର୍ଥନୀତିକୁ ଦୁର୍ବଳ ହେବାକୁ ଦେଇ ନଥିବା ରୁଷିଆ ଆଗାମୀ ଦିନରେ ଆର୍ଥିକ ଦୃଷ୍ଟିରୁ ଅଧିକ ଶକ୍ତିଶାଳୀ ହୋଇ ଛିଡାହେବାର ସମ୍ଭାବନା ରହିଛି । ଆମେରିକାର କଟକଣା ରୁଷିଆ ଉପରୁ ହଟିଲେ ରୁଷିଆର ରପ୍ତାନୀ ବହୁପରିମାଣରେ ବଢିବ, ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ପୁଟିନ ଯେମିତି ଖୁସିଅଛନ୍ତି, ରୁଷିଆର ଗଣମାଧ୍ୟମ ସେହିପରି ଖୁସିଅଛି । ଦୀର୍ଘଦିନ ପରେ ଆମେରିକାର ଦୃଷ୍ଟିକୋଣ ରୁଷିଆ ପ୍ରତି ନରମ ହୋଇଥିବା ଜଣାପଡୁଛି । ଏହାକୁ ଲକ୍ଷ୍ୟ କରି କେଜିବି ସହ କାର୍ଯ୍ୟ କରିଥିବା ଜଣେ ଅଧିକାରୀ ଅଭିଯୋଗ କରିଛନ୍ତି ଯେ ଟ୍ରମ୍ପ ଅଶୀଦଶକରେ କେଜିବିର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ । ଟ୍ରମ୍ପଙ୍କ ଯୁବାବସ୍ଥାରେ ବ୍ୟାବସାୟିକ ଲାଭର ଲୋଭ ଦେଖାଇ ଆମେରିକାରେ କେଜିବିର ଏଜେଣ୍ଟ ଭାବେ କାର୍ଯ୍ୟ କରିବାକୁ ତତ୍କାଳୀନ ୟୁଏସ୍ଏସ୍ଆର ସୁଯୋଗ ଦେଇଥିବ, ଯେମିତି ଏକଦା ସିଆଇଏର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ନାମରେ ଉଠିଥିଲା, ଆଇଏସ୍ଆଇର ଏଜେଣ୍ଟ ହୋଇ ଇରାନରେ କାର୍ଯ୍ୟ କରିଥିବା ଭାରତର ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନ୍‌ସାରୀଙ୍କ ନାମରେ ଉଠିଥିଲା, ଯିଏକି ଅନେକ ର'ଏଜେଣ୍ଟଙ୍କ ମୃତ୍ୟୁର କାରଣ ମଧ୍ୟ ହୋଇଥିଲେ । ସେମିତି ମୋରାରଜୀ ଭାରତର ପାକ୍ -ବିରୋଧୀ ଅଭିଯାନକୁ ନଷ୍ଟ କରିବାକୁ ଭାରତର ଗୋପନୀୟ ତଥ୍ୟ ପାକିସ୍ଥାନର ସରକାରକୁ ଦେଇଥିଲେ । ଠିକ୍ ସେମିତି ଟ୍ରମ୍ପଙ୍କ ବିରୋଧୀ ଲୋକେ ଟ୍ରମ୍ପଙ୍କୁ ପୁଟିନଙ୍କ ସହଯୋଗୀ ଭାବେ ଚିତ୍ରଣ କରିବା କିଛି ଅସମ୍ଭବ ନୁହେଁ । ଏଥିରେ ସତ୍ୟତା ଥାଇପାରେ। ମସ୍କୋରେ ଟ୍ରମ୍ପ ଟାୱାର ନିର୍ମାଣ ପାଇଁ ଟ୍ରମ୍ପଙ୍କୁ ସୁଯୋଗ ଦେବାକୁ ପୁଟିନ ଅତୀତରେ ଚେଷ୍ଟା କରିଥିବା ବିଷୟ ମଧ୍ୟ ଚର୍ଚ୍ଚାକୁ ଆସିଛି ।

ଏକଥା ସତ ଯେ ଟ୍ରମ୍ପ ଶହେରେ ଶହେ ବ୍ୟବସାୟୀ ହୋଇଥିବାରୁ ଆମେରିକାର କରଦାତାଙ୍କ ଅର୍ଥକୁ ମାଗଣାରେ ୟୁକ୍ରେନକୁ ଦେବା ସପକ୍ଷରେ ନାହାନ୍ତି । ପରୋକ୍ଷରେ ସେ ମଧ୍ୟ ୟୁରୋପକୁ ଗତ ସତୁରୀ ବର୍ଷରୁ ଅଧିକ କାଳ ଧରି ସହଯୋଗ ଦେଇ ଆସିଥିବା ନାଟୋର ସପକ୍ଷରେ ନାହାନ୍ତି । ଏପରିକି ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ,ଜାତିସଂଘ ମାନବତାବାଦୀ ସଂସ୍ଥାରୁ ଓହରି ଆସିଥିବା ଆମେରିକାକୁ ଆଗାମୀ ଦିନରେ ଜାତିସଂଘ ଏବଂ ନାଟୋ ମେଣ୍ଟରୁ ମଧ୍ୟ ବାହାର କରିଆଣିବା ସପକ୍ଷରେ ଟ୍ରମ୍ପ ରହିଛନ୍ତି । ଟ୍ରମ୍ପଙ୍କ ବ୍ୟବହାରରେ ୟୁକ୍ରେନବାସୀ ଚକିତ ହେବାବେଳେ କାନାଡାରେ ଜଷ୍ଟିନ ଟ୍ରୁଡୋଙ୍କ ଜନସମର୍ଥନ ବୃଦ୍ଧିପାଇଛି । ୟୁକ୍ରେନ ସେନାଙ୍କୁ ସାକ୍ଷାତ କରି ଜେଲେନସ୍କି ଯୁଦ୍ଧ ଜାରି ରଖିବାକୁ କହି ସମର୍ଥନ ପାଇବାକୁ ସକ୍ଷମ ହୋଇଛନ୍ତି । ସେମିତି ଦୀର୍ଘ ବର୍ଷ ଧରି ଭାରତକୁ କଟାକ୍ଷ କରିଆସୁଥିବା ୟୁରୋପୀୟ ସଂଘର ନେତୃମଣ୍ଡଳୀ ଭାରତକୁ ଗସ୍ତ କରିବା ଦେଖି ରୁଷିଆ ମଧ୍ୟ କଟାକ୍ଷ କରି ୟୁରୋପୀୟ ନେତୃମଣ୍ଡଳୀକୁ ସମାଲୋଚନା କରିଛି । ଟ୍ରମ୍ପ-ଜେଲେନସ୍କିଙ୍କ ସାକ୍ଷାତ ପରେ ନାଟୋ ଏବଂ ପାଶ୍ଚାତ୍ୟ ଜଗତ ବିଭାଜିତ ହୋଇଛି ବୋଲି କହିଲେ ଠିକ୍ ହେବ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

**ପୁଷ୍ପାରାଣୀ ପଟେଲ**



ଭାଗ-୫୬

**ପୂର୍ବାଭାଷ ସହ କିଛି ପାଦ ଆଗକୁ -**

*ଜୀବନରେ କେତେ ସମ୍ପର୍କ ଆସନ୍ତି, କେତେ ପୁଣି ଅବେଳରେ ହଜି ବି ଯାଆନ୍ତି ଓ ଆଉ କିଛି ସମ୍ପର୍କ ଆମେ ଜାଣିଶୁଣି ହଜାଇ ଦେବାକୁ ବାଧ ହେଉ। କିଛି ଆସନ୍ତି କେବଳ ସ୍ୱାର୍ଥ ସିଦ୍ଧି ପାଇଁ। କିଛି ପୁଣି ଆସନ୍ତି ନିଃସର୍ତ୍ତରେ ଭଲ ପାଇବା ଅଜାଡି ଦେଇ ଲୁଚି ଯିବା ପାଇଁ। ସମ୍ପର୍କର ଏଇ ଚକ୍ରବ୍ୟୁହରୁ, ବାହାରିଲି ... ବାହାରିଲି .... ଭାବି ବିତୁଥାଏ ମଣିଷର ଜୀବନ ...। ସରୁଥାଏ ଆୟୁଷ। ଫିଟୁଥାଏ ନିଜର କୋଣ ଅନୁକୋଣରେ ଲୁଚିଥିବା ସୂକ୍ଷ୍ମ ଭାବନା ସବୁ ନିଜରି ପାଖରୁ। ସରେନି, କେବେ ଦୁଃଖରେ ଭାଙ୍ଗି ପଡିବା ତ ପୁଣି କେବେ ପ୍ରାପ୍ତିର ପୁଲକରେ ବିଭୋର ହେବା।*

*କେବେକେବେ ଆମ ଭାବନାରେ ବ୍ରେକ୍ କଷି ଆମକୁ ଚମ୍‌କାଇ ଦେଇ ପଶିଆସେ ମହାମାରୀ। ମହାମାରୀ ଆସେ ନାହିଁ ତ ଝାଡି ଦେଇ ଯାଏ ଆମ ମନ ଭିତରେ ଜମି ରହିଥିବା ପରସ୍ତ ପରସ୍ତ ଅଳନ୍ଦୁ। ମୁଖା ଖୋଲିଯାଏ ନିଜରି ମୁହଁରୁ, ଦର୍ପଣ ସାମ୍ନାରେ ଠିଆ ହେଉ ହେଉ, ବିଭତ୍ସ ଦିଶେ ନିଜରି ମୁହଁ। ବିକାର ଭାବ ଗ୍ରାସେ। ମନ କୁହେଁ, 'ଓଃ ... ଏଇ ନା ମୁଁ! ଏତେ ସ୍ୱାର୍ଥପର! ଦୁନିଆଁକୁ ଆଜି ଯାଏଁ ଦେଖାଉଥିଲି ମୁଁ ବଞ୍ଚେ ଅନ୍ୟମାନଙ୍କ ପାଇଁ, ତେବେ ସତରେ ମୁଁ କ'ଣ ବଞ୍ଚେ ଅନ୍ୟମାନଙ୍କ ପାଇଁ? ନା ତ! ବରଂ ମୁଁ ବଞ୍ଚେ ମୋ' ପାଇଁ, କେବଳ ମୋ' ପାଇଁ। ହଁ, ଆତ୍ମୀୟ ସ୍ୱଜନ ମୋ'ର ସ୍ୱାର୍ଥ ପୂରଣ ଅଭିଳାଷାରେ ସହାୟକ ହେଉଥିବା ଯାଏଁ ଆପଣାର ପରି ମନେ ହୁଅନ୍ତି ମୋତେ, ତେବେ ଦୁଃଖ ଓ ବିପତ୍ତି ଆସିଲେ ପ୍ରଥମେ ମୁଁ ମୋ' ନିଜକୁ ରଖେ। ନିଜ କଥା ଭାବେ'*

*ଏକଥା ବି ସତ, ନିଜକୁ ଭଲ ନପାଇଲେ ନିଜେ, କେଉଁ ଭଲ ପାଇ ହୁଏ ଅନ୍ୟକୁ? ଏସବୁ ଖୁବ୍ ସୂକ୍ଷ୍ମ ଅନ୍ତର୍ଚେତନାର କଥା। ବୁଝିବା ପାଇଁ ବେଶ୍ ନିରୋଳା ସମୟ ଲୋଡା। ଏ ବ୍ୟସ୍ତବହୁଳ ପ୍ରତିଦ୍ୱନ୍ଦ୍ୱିତା ଭରା ଜୀବନ ଦୌଡରେ କେଉଁ ମିଳିପାରେ ସେଭଳି ସମୟ! ତେଣୁ ହୁଏତ ଈଶ୍ୱର ରଚନ୍ତି ମହାମାରୀ। କେବେ ଦିନେ ହଇଜା, ପୁଣି କେବେ ଦିନେ କରୋନା : କୋଭିଡ୍ ନାଇନ୍‌ଟିନ୍।*

*ସତରେ ଏ ମହାମାରୀ କ'ଣ ଲେଖକଟିକୁ ନିଜ ଭିତରର ନିଜଟି ସହିତ କରେ କି ଆତ୍ମା ସାତ୍ମା? କିଛି ବ୍ୟତିକ୍ରମ ମଧ୍ୟ ଥାଏ କି ଲେଖକଟିର ଓ ସାଧାରଣ ମଣିଷଟିର ମହାମାରୀକୁ ଭୋଗିବାର ବାଟ? କ'ଣ କ'ଣ ସତରେ ଛାଡିଯାଏ ମହାମାରୀ ତା'ର ଆସିବା ଓ ଫେରିଯିବା ଭିତରେ!!*

*(ପୂର୍ବପ୍ରକାଶ ଉତ୍ତାରୁ)*

- ଆରେ! ଆଜି କଲେଜ ନଗଲେ ନଚଳେ ମାମା। ବୁଝୁନୁ କାହିଁକି ଯେ!

- ପିଲା ତ ଆସୁନାହାଁନ୍ତି। ତୁମର ପୁଣି କାମ କଣ ସେଇଠି। କାହିଁକି ଯେ ଯାଉଛ ସବୁଦିନ, ମୁଁ ତ ବୁଝି ପାରୁନି।

- ଆରେ, ଆମେ ସରକାରୀ ଚାକିରିଆ। ମାନେ, ସରକାରଙ୍କ ଚାକର। କାମ ଥାଉ କି ନଥାଉ, ଦରମା ପାଉଛୁ ମାନେ ସେଠି ଯାଇ ବସିବାକୁ ବାଧ।

- ହଉ! ଆଜି ଯାଅ। ଆପ୍ଲିକେଶନ୍ ଦେଇ ଆସିବ ଛୁଟି ପାଇଁ। ଡାକ୍ତରଙ୍କୁ ଦେଖେଇବ। ଆଉ କିଛିଦିନ ଘରେ ରେଷ୍ଟ ବି କରିବ। ଯଦି ମା' କଥା ନ ଶୁଣେ, ତେବେ ଜାଣିବ ମୁଁ କ'ଣ କରିପାରେ।

ଜ୍ୱର ତ କମିଲାଣି। ଡାକ୍ତର ବି କହିଲେ - ଏବେ ସମ୍ପୂର୍ଣ୍ଣ ସୁସ୍ଥ ଆପଣ। ଭୟ କରିବାର କିଛି ନାହିଁ। ତଥାପି କାହିଁକି କେଜାଣି ଚାଲିବାକୁ ବି ବଳ ପାଉନି ମୋ'ର।

'ଦେହ ଓ ମନ କ'ର ଏକ ଓ ଅଭିନ୍ନ କି?'

କାହାରି ସହିତ କଥା ହେବାକୁ ଇଚ୍ଛା ହେଉନି ମୋ'ର। କାହା ସହିତ ବି ନୁହେଁ। ଥରେ, ଦୁଇଥର ଲାଗ୍ ଲାଗ୍ ଫୋନ୍ କଲେ ବିବେକ। କଥା ହେବାକୁ ପଡିଲା। କଥା ହେଲି। ମୁଁ କିନ୍ତୁ ଶୁଣି ପାରୁ ନଥିଲି ତାଙ୍କର କିଛି କଥା। ସେ ବି ବୁଝିପାରିଲେ ବୋଧେ ମୋ'ର ଅନ୍ୟମନସ୍କତା, ମାନସିକ ଅସୁସ୍ଥତା। ଫୋନ୍ କରୁ ନାହାଁନ୍ତି ଆଉ ତାପରେ। ଇଚ୍ଛା ତ ଅଛି, ଝିଅକୁ କଣ ଭଲ, ସୁଆଦିଆ ରୋଷେଇ କରି ହାତରେ ଖାଇବାକୁ ଦିଅନ୍ତି। ତେବେ ବଳପାଉନି ମୋର। ବାହାରୁ କିଛି ଖାଇବା ମଗାଇବା ପାଇଁ ସେ ଜିଦ୍ କଲା ତ ମୁଁ ବି ହଁ ଭରିଲି। କ'ଣ ଆଉ କରିଥାନ୍ତି ଯେ?

ସାଇ ବି ତ ଫୋନ୍ କରିଥିଲା। ଦେହ କଥା ପଚାରି ଥାଆନ୍ତା ଅବା ତୁମ କଥା କହିଥାନ୍ତା କେଜାଣି, ମୁଁ କିନ୍ତୁ ତା' ଫୋନ୍ ବି ଉଠାଇଲିନି। ସବୁ ସମ୍ପର୍କ କାହିଁକି କେଜାଣି ମିଛ, ମିଛ ଲାଗୁଛି। ମୁଁ ଆଖି ବୁଜି ମଲାପରି ଏକୁଟିଆ ପଡିରହିଛି ଖଟରେ।

ଏବେ ଯଦି ତୁମେ ବି ଫୋନ୍ କର... ମୁଁ ବୋଧେ ରିସିଭ୍ କରିବିନି ତୁମ କଲ୍। ମୁଁ ଏକାନ୍ତ ଭାବେ ଚାହୁଁଛି ଯେ ତୁମେ ଫୋନ୍ ନକର। ମୋ' ଅସୁସ୍ଥତାର ଖବର ମଧ୍ୟ ନପହଞ୍ଚୁ ତୁମ ପାଖକୁ।

'ଜିଇଁଥିଲେ ସିନା ପ୍ରେମ। ଭଲ ପାଇବା। ଆତ୍ମୀୟ ସ୍ୱଜନ। ସମ୍ପର୍କ ମିତ୍ର ଓ ଶତ୍ରୁ। ମରିଗଲେ ଏସବୁ ଆଉ କଣ ଯେ" ଆଖି ବୁଜି ଦେଲେ, ସବୁ ଶେଷ ... ସବୁ ମିଛ।'

ଏଇ ବୁଜି ହେଇ ଆସୁଥିବା ଆଖିପତାକୁ ଖୋଲି ପୁଣିଥରେ ଏ ମିଛମାୟାର ସଂସାର ଭିତରେ ବୁଡିବାକୁ ଇଚ୍ଛା ହେଉନି ମୋ'ର! ଅଫିସରୁ ଛୁଟି ନେଇଛି ପାଞ୍ଚଦିନ। ତେବେ ପ୍ରଭୁଙ୍କୁ ଡାକୁଛି - 'ହେ ପ୍ରଭୁ! ଆଉ ମୋତେ ଯିବାକୁ ନପଡୁ ସେଠିକି। କେତେ ଈର୍ଷା ସେଇଛି। ଆହୁରି ବି ଖୁବ ଅହଙ୍କାର ସେଠି ଥିବା ମଣିଷ ମାନଙ୍କର, ଘୃଣା ଆସୁଛି ମନରେ, ଭାବିଦେଲେ ସୋମନଙ୍କର କଥା 'ଛି...!'

ଏଇ ତ ଘଡିଏ ଆଗରୁ ଆସିଥିଲେ ବି ବୋଧହୁଏ



ପୂରୀବୀ। ମୋ' କାନରେ ଏବେ ବି ଶୁଭୁଛି ତାଙ୍କ କଥା 'କ'ଣ ଭାଉଜ, ମୁଁ ଠିକ୍ କହୁଥିଲି ନା? ଦେଖ, ସବୁ ମିଛ। ପ୍ରେମ ମିଛ। ସବୁ ନିନ୍ଦା-ଅପବାଦ, ପ୍ରେମ-ପ୍ରତ୍ୟାଶା ବି ମିଛ। ସମ୍ପର୍କ ବି ମିଛ। ସବୁ ମିଛ!'

ପୂରବୀ ବୋଧେ ଠିକ୍ କହୁଥିଲେ, ଅମ୍ଳାନ?

ଏ ସମ୍ପର୍କ, ପ୍ରେମ ସବୁ କିଛି କେବଳ ମିଛମାୟା ହିଁ ବୋଧେ। କେବଳ ମାୟା। ମିଛ ମାୟାର ସଂସାର। ମୃତ୍ୟୁ ହିଁ ତେବେ ଜୀବନର ଚରମ ସତ୍ୟ!

।।୧୦।।

ଫି ଦିନ ଖବର ପହଞ୍ଚୁଛି। ଆଜି ଯା ଦେହ ଖରା। କାଲି ତା'ର। ମନ ଉଣା କରି କିଛି ଭାବିବା ଆଗରୁ ପୁଣି ଖବର ପହଞ୍ଚୁଛି ସେଇ ପ୍ରିୟଜନଟିର ଅଚାନକ ମୃତ୍ୟୁ। ହୃଦୟ ମୋର ଭାଙ୍ଗି ଯାଉଛି ଖଣ୍ଡ ଖଣ୍ଡ ହେଇ। ସେଇ ମଣିଷଟି ସହ ବିତିଥିବା ଦୁର୍ମୂଲ୍ୟ ସ୍ମୃତି ସବୁ ଛୁଇଁ ଯାଉଛି ମୋ' ଛାତିକୁ। ଦୋହଲାଇ ଦେଉଛି ମୋ' ଅନ୍ତରାତ୍ମା। ମନ ଓଦା ସରସର ହେଉ ହେଉ ଦୁଃଖ ସବୁ ଇଡି ଯାଉଛି ଆଖି ଲୁହ ହେଇ। ମୁଁ ପୋଛି ଆଣୁଛି କେଇ ବୁନ୍ଦା ଆଖି ଲୁହକୁ ଆଙ୍ଗୁଳିରେ ମୋ'ର।

'ଏ ଆଖି ଲୁହ ଆଖିରେ ହିଁ ଥାଉ। ଝିଅ ଯଦି ଦେଖିନେବ ଏ ଅଶ୍ରୁ ବୁନ୍ଦା, ତେବେ ତା' ମନରେ ଭୟ ଘର କରିପାରେ। ଏ ଲୁହ ସବୁ ବରଂ ଥାଆନ୍ତୁ ମୋ' ହୃଦୟରେ। କାକର ଟୋପା ତ ଶାମୁକା ଭିତରେ ଘର କରି ହେଇପାରେ ମୁକ୍ତା। ଏ ଅସାର ମଣିଷ ଜୀବନରେ ମୋ'ର, ଏଇ ପ୍ରିୟ ପରିଜନଙ୍କ ଗହଣରେ ବିତାଇଥିବା ସୁମଧୁର ସ୍ମୃତିମାନ ତ ହିଁ ପୁଞ୍ଜି। ଏମାନଙ୍କୁ ହୃଦୟରେ ସାଇତି ରଖେ। ହୁଏତ କେବେ ସେମାନେ ବି ମୁକ୍ତା ପରି ଝରି ପଡିବେ ମୋ' କଲମ ମୁନରୁ।'

'ମୃତ୍ୟୁ ଯଦି ଜୀବନର ପରମ ସତ୍ୟ' - ତେବେ ତା'କୁ ପୁଣି ଭୟ କରିବି କାହିଁକି?

ଏ କରୋନା ଭୂତାଣୁ ଆଜି ସେଇ ମୃତ୍ୟୁର ଭୟ ଦେଖାଉଛି ମୋତେ। ତାକୁ ହତିଆର କରି ଭୟରେ ଜଡସଡ କରି ଆବୋରି ରଖିଛି ମୋତେ ଓ ମୋ' ପରି ଏ ସୃଷ୍ଟିର, ବିଶ୍ୱର କୋଟି କୋଟି ମଣିଷଙ୍କୁ।

ସେ ଜାଣିନି ଅବା ଭୁଲି ଯାଇଛି ବୋଧେ - ସେ ଯଦି ମୃତ୍ୟୁକୁ ଡାକି ଆଣିପାରେ ତେବେ ବି ଡରେଇ ପାରିବନି ମୋତେ। ମୁଁ ପରା ତା'ର ସୃଷ୍ଟିକର୍ତ୍ତା। ମୋତେ ସେ ଡରେଇବ କ'ଣ? ତା' ପରି ସାଧାରଣ ବିନାଶକାରୀ ଭୂତାଣୁର ଭାଗ୍ୟ, ଭବିଷ୍ୟ ଲେଖୁଥିବା ଈଶ୍ୱରଙ୍କ ପ୍ରିୟତମ ତଥା ଶ୍ରେଷ୍ଠ ସୃଷ୍ଟି ମୁଁ 'ମଣିଷ'।

ହଁ! ଅବଶ୍ୟ ଅଳ୍ପ ସମୟ ପାଇଁ ଭୁଲି ଯାଇଥିଲି ମୁଁ ଯେ, ଏ ସୃଷ୍ଟିରେ ମୋ'ର କର୍ମ କ'ଣ? କର୍ତ୍ତବ୍ୟ କ'ଣ? ଧ୍ୱଂସକାରୀ ତ ନୁହେଁ କେବେ ହେଲେ। ଅବିଶ୍ୱାସ ମଧ୍ୟ କଲି ଈଶ୍ୱରଙ୍କ ଅସ୍ତିତ୍ୱକୁ। ତେବେ ଖୁବ୍ ଭୋଗିଲିଣି ମୋର କୁକର୍ମର ପରିଣାମ। ଆଗାମୀ କାଲି ଯଦି ମୁଁ ସୁଧୁରି ଯାଏ। ସାଜଡି ନିଏ ନଜକୁ। ତା'ପରେ କ'ଣ ହେବ ଏଇ କ୍ଷୁଦ୍ରାତିକ୍ଷୁଦ୍ର ଭୂତାଣୁର ଅବସ୍ଥିତି, ଏଇ ମୋ'ର ସୁନ୍ଦର ପୃଥିବୀରେ। ଖୁବ୍ ଶୀଘ୍ର ତାର ଚରମ ପରିସମାପ୍ତି ହେବ। ଏକଥା ଥୟ।

*(କ୍ରମଶଃ)*



## ସର୍ପାଘାତ

**ଗଜାନନ ମିଶ୍ର**



ସରି ଯାଇପାରେ
ଦିନକାଳ ସର୍ପାଘାତରେ।
ଲୁଟ ହୋଇଯାଇପାରେ
ଯାହା ଯାହା ପାଖରେ
ସାଇବର ଠକେଇରେ।
ଦିଗଫିଗ ହଜିଯାଇପାରେ
ସମୁଦ୍ରରେ କେଇ କିଲୋମିଟର
ଗଭୀରରେ କିଟି କିଟି ଅନ୍ଧାରରେ।

ତୁମେ କିଏ? ମୁଁ କଣ ଆଉ କିଏ?
କୌଣସି ପ୍ରଶ୍ନର କୌଣସି ଉତ୍ତର
ମିଳି ନ ପାରେ କେବେ ଏଠାରେ
କି ଅନ୍ୟ କୌଣସି ପ୍ରକାରେ।
ମାତୃ ଗର୍ଭରେ ବିତିଯାଇପାରେ
ସାରା ସମୟ ମାଧ୍ୟମ ଖୋଜୁ ଖୋଜୁ
କୌଣସି ଗୋଟିଏ ସ୍ପର୍ଶରେ
କୌଣସି ଗୋଟିଏ ଅନୁଭବରେ।

ଧୀରେ ଧୀରେ ଅବସ୍ଥା ବଦଳିପାରେ
ଆଉ ଅବସ୍ଥା ବଦଳିଲେ ବ୍ୟବସ୍ଥା
ଦୋହଲେ ଆଉ ବ୍ୟବସ୍ଥା ଦୋହଲିଲେ
ପବନ କାନ୍ଦେ ବିକଳରେ
ଆଉ ପବନ କାନ୍ଦିଲାବେଳେ
ମେଘସବୁ ପଡିପାରେ ଏକାଥରକେ
ଏଠାରେ ସେଠାରେ ଦୁଃଖମୟ ଶିଖାରେ
ବଳସବୁ ବ୍ୟର୍ଥ ହୁଏ ଆଖିପିଛୁଳାକେ।

ଘଣ୍ଟାଚକଟାରେ କୃମିକୀଟଙ୍କ
ଦଂଶନରେ ହୋଇପାରେ ବୁଦ୍ଧି ଭ୍ରଷ୍ଟ
ରୂପାନ୍ତରୀତ ହୋଇଯାଇପାରେ
ନୀତିଅନୀତିର ତରାଜୁରେ
କୋଉ ଏକ ରୂପକରେ।
ଉଣାଅଧିକେ ସଠିକ୍ ଭାବେ
ହୃଦୟଙ୍ଗମ କରାଯାଇପାରେ
କୋଉଠି କିଛି ରହିଗଲା ଭୁଲ
ନିଷ୍ପତ୍ତି ନେବାରେ ଠିକଣା ବେଳରେ।

ହାତେ ମାପି ଚାଖଣ୍ଡେ ଚାଲିଲାବେଳେ
ସ୍ୱପ୍ନ ସବୁକୁ ସାକାର କରାଯାଇ ନ ପାରେ।
ଆପଣା ଗର୍ବ ଆଭିଜାତ୍ୟ ସବୁ
ହଜିଯାଇପାରେ ଆଉ କେଉଁଠାରେ।
ସ୍ୱଜନ ପରିଜନ କେହି ବି
ପାଖରେ ନ ରହିପାରେ ଆଉ
ଏହି ସମୟରେ କ୍ରମେ କ୍ରମେ
ଅନ୍ଧକାର ଛାଇ ଯାଇପାରେ ଥରକରେ।

*ତପୋବନ, ଟିଟିଲାଗଡ-୭୬୭୦୩୩*

## ବାହାନା କରିବା ଜ୍ୟାମିତି

**ନିରଞ୍ଜନ ସାହୁ**



କେବେକେବେ ଦେଖା ତା ସାଥିରେ ହୁଏ
କେବେ କେଉଁଠାରେ କେମିତି
ଦେଖା ନ ମିଳୁଛି କାହିଁକି କହିଲେ
ଉତ୍ତରରେ କହେ, 'ଏମିତି'।

ତା କଥାରେ ଥାଏ ବାହାନା ଅଧିକ
ସତକଥା ଦିଏ ଲୁଚାଇ
ମିଛ କହିବାରେ ପ୍ରବୀଣା ଅଟେ ସେ
ଏଣୁତେଣୁ ଦିଏ ସୂଚାଇ
ସତେ ଅବା ମୁହିଁ ବୁଝିପାରେ ନାହିଁ
ତାହା ବାହାନାର ଜ୍ୟାମିତି।

ମୋ ପାଖରେ ସିଏ ମିଛ କହିବାର
ଯଥେଷ୍ଟ କାରଣ ରହିଛି
ସତକୁ ଲୁଚାଇ ବାରମ୍ବାର ସିଏ
ନାନା ମିଛ କଥା କହିଛି
ଆଜି ସେ କେମିତି ସତ କହିବ ଯେ
ସିଏ ତ ମୂଳରୁ ସେମିତି।

ସତ କହିବାରେ କାର୍ପଣ୍ୟ ସ୍ୱଭାବ
ରହିଛି ରହୁଛି ରହିବ
ମିଛ କହିବାର ପ୍ରକୃତି ଯିବନି
କହିଛି କହୁଛି କହିବ
କଦାପି ତ ସିଏ ବଦଳିବ ନାହିଁ
ତାହାର ବିଚାର ଯେମିତି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ*
*ଦୂରଭାଷ ୯୯୩୮୭୪୧୫୮୩*

## ଘର

**ଡ. ଭାରତୀ ହୋତା**



ମୋ ଘରଟି ଛୋଟ
ମୋ ପାଇଁ କିନ୍ତୁ ସ୍ୱର୍ଗର ଅମରାବତୀ
ଆଖି ଖୋଲିଲେ ଦେଖା ଯାଏ ଜହ୍ନର ମୁହଁ
ଛାତରେ ମିଞ୍ଜି ମିଞ୍ଜି ତାରାର ପଟୁଆର
ଘର ଚାରିକଡେ ପହରା ଦିଏ ପବନ
ତା ମୁହଁ ଘୋଡ଼େଇଦିଏ ପୃଥିବୀର ସବୁଜ ପଣତ
ସାମ୍ନାରେ ନାଚି କୁଦି ଗୀତଗାଏ ପାହାଡିଆ ଝରଣା।
ଏଠି
ଅତିଥି ହୋଇ ଆସନ୍ତି କାଉ, କୋଇଲି, କଜଳପାତି
ମହୁମାଛି ଭଅଁର ସହ ପ୍ରଜାପତି
ଫୁଲମାନଙ୍କ ଭିତରେ ନ ଥାଏ
ବର୍ଣ୍ଣ ବିଭେଦ, ଈର୍ଷା ପରଶ୍ରୀ କାତରତା
ଛୋଟ ଝରକା ପଟୁ ଦେଖାଯାଏ ପାହାଡ଼ର ମୁକୁଟ
ଋତୁ ଅଋତୁରେ ପରଷିଦିଅନ୍ତି ନୃତ୍ୟଗୀତ
ମୟୂର,ଶୁଆ,ହଳଦିବସନ୍ତ
କ୍ଲାନ୍ତ ଅବସନ୍ନ ରାତ୍ରୀ ଘୁମାଇପଡ଼େ ଅନ୍ଧାର ଚାଦର ଭିତରେ।
ବର୍ଷା ଭିଜା ସକାଳରେ ପିମ୍ଢ଼ି ପିଠିରେ
ଖଞ୍ଜିପକାଏ ଡେଣା
ବାସନା ବୁଣେ କଦମ୍ବ
ଝିଙ୍କାରି ମନ୍ତ୍ର ପଢ଼େ
ମାଟି ମାଆର ଗୀତ ଗୌରବ ଗାଥା ଗାଇ ଗାଇ
ବେଙ୍ଗ ବେଙ୍ଗୁଲି ସାରୁ ଗଛ ମୂଳେ ପାଳନ୍ତି ମହୋତ୍ସବ
ଖପରର ସନ୍ଧିରୁ ଟପ୍ ଟପ୍ ପାଣି ଫୋଟକା
ନଶ୍ୱର ଜୀବନର କବିତା ଲେଖେ
ତୋରଣ ବାନ୍ଧେ ଅଗଣାରେ ଇନ୍ଦ୍ରଧନୁ ଏକାଏକା।
ଘାସ ପିଠିରେ କାକରର ସମ୍ଭାର ନେଇ ଏଠି ଶୀତ ଆସେ
ସେଇ ଅଗଣାରେ ବସି ମୋ ବୁଢ଼ୀ ମା ଜାଇ ରଗଡେ
ଚୁଲି ଫୁଙ୍କି ଭାତ ରାନ୍ଧେ
ଭାଗବତ ପଢ଼େ
ତା ବିଶ୍ୱାସର ଲକ୍ଷ୍ମୀପାଦରେ
ବୈକୁଣ୍ଠ ତ୍ୟାଗକରି
ମା ସାଆନ୍ତାଣୀ ଖଟୁଲିରେ ବିଜେ କରନ୍ତି
ଚଉରା ମୂଳେ ସଞ୍ଜବତି ଜଳେ।
ମୋ ଘର
ଅନ୍ୟ ପାଇଁ ହେଉ ପଛେ ଛୋଟ
ଶୁଭେ ନୀଡ଼ ଫେରନ୍ତା ପକ୍ଷୀର କୁହାଟ
ଗୋ ଧୂଳିର ଗହ ଗହ
ଦୁହାଁଳିଆ ଗାଈର ହମ୍ବା ରଡ଼ିର ହାଟ
କଇଁ ନାଡ଼ରେ ଶିଶିରର ଚମକ।
ଘରର କାନ୍ଥ ବାଡ଼ରେ 'କାନ' ନ ଥାଏ
ହୃଦୟରେ ଥାଏ ପ୍ରେମ ସମ୍ବେଦନାର ତୃଷ୍ଣା
ବସୁଦୈବ କୁଟୁମ୍ବକମ୍ ର ପରିଭାଷା
ତା ଅମାରରେ ଗଚ୍ଛିତ ଭଲ ପଣିଆର ବିଭବ।

*ନୂଆପଡ଼ା, ଖରିଆର ରୋଡ଼*

## ଅବିଶ୍ରାନ୍ତ ଯାତ୍ରା

**ଡ. ଦୀପକ କୁମାର ମିଶ୍ର**



ବେଳେବେଳେ ଓହରି ଯିବାକୁ ପଡ଼େ
ଜଞ୍ଜାଳରୁ, ଝିଞ୍ଜଟରୁ, ଯୁଦ୍ଧରୁ
ନିଜକୁ ନିର୍ବାସିତ କରିବାକୁ ପଡ଼େ
ଜୀବନ ନଈର ଆବଦ୍ଧ ଭୂଖଣ୍ଡରେ।

ଭାନୁମତୀ ପେଡ଼ିରେ ତାଲାଦେଇ
ଖୋଜିବାକୁ ପଡ଼େ ଲୀଳାବତୀ ସୂତ୍ର
ତାଳ ଦେଇ, ମୁଣ୍ଡିଆ ମାରି, ଠେକା ଭିଡ଼ି
ଚାଲିବାକୁ ପଡ଼େ ଜାକିଜୁକି
ନୂତନ ଯାତ୍ରାର ବାମ କଡ଼େ କଡ଼େ
ପଛ ପାଦଚିହ୍ନଗୁଡ଼ିକର
ଲିପାପୋଛା କରି।

କିଏ ଜଣେ
କେଉଁଠି ଲଙ୍ଗର ପକାଇବ
ଦୁର୍ଭାଗ୍ୟର ଜୀବନ ଜାହାଜ
ବିଚରା ନାବିକ କି ଜାଣେ
ସାମୁଦ୍ରିକ ଝଡ଼ର ଉତ୍କଟ ପ୍ରଭାବ।

ଚାଲ ପୁଣି ଖୋଜିବା
ଗହନ ଗଣ୍ଠିରେ ଲୁଚିଥିବା
ଅତୁଆତଡୁଆ ମହାର୍ଘ୍ୟ ଜୀବନର ଖିଅ
ଦୁଃଖ ତ ଜାମିନ୍ ବିହୀନ ପରୱାନାଟିଏ
ଖୋଜୁଥାଏ ମଣିଷକୁ
ଜଳ, ସ୍ଥଳ, ଆକାଶ, ପାତାଳ।

*ଭୁବନେଶ୍ୱର*
*ଦୂରଭାଷ : ୮୨୮୦୨୧୧୦୦୦*

## ସାନବୋହୂ

**ସୁନନ୍ଦା ମହାନ୍ତି**





କଳି ବଢିଯାଇଥିଲା ସାନବୋହୁ ଆସିବା ପରେ ଘରକୁ କାରଣ ତାର ସୌନ୍ଦର୍ଯ୍ୟ, ବଳ, ବୁଦ୍ଧି,ବିବେକ ଓ ପାଠ ଶାଠ ସବୁଥିରେ ପାରଦର୍ଶିତା ଥିଲା। ସେ ଯେବେ କର୍ମତତ୍ପରତା ଓ କର୍ମପ୍ରବଣତା କଥା ସହ ସହ କର୍ମ ବିମୁଖତା ଗୋଟେ ମଣିଷକୁ ଦୁଃଖୀ ଓ ଅଳସୁଆ କରିଦଏ କହେ ସେତେବେଳେ ଉପର ବଡ଼ ଦୁଇ ଯାଆ ଏକଥାସବୁକୁ ତାଙ୍କ ଦେହକୁ ନେଇ ତାଙ୍କ ସ୍ୱାମୀମାନଙ୍କୁ ସାନବୋହୁ ପରୋକ୍ଷ ଇଙ୍ଗିତ କରୁଛି ବୋଲି ଭାବି ସାନବୋହୁ ସଙ୍ଗେ ଛୋଟ ମୋଟ କଥାକୁ ନେଇ କଳି କରୁଥାନ୍ତି। ସାନବୋହୁର ସ୍ୱାମୀ ସାନପୁଅ ବିଦେଶରେ ଚାକିରୀ କରୁଥିଲା ଓ ଖୁବ ରୋଜଗାର ମଧ୍ୟ କରୁଥିଲା। ଘରକୁ ମାଆଙ୍କ ନାମରେ ପଠାଉଥିବା ପଇସାରେ ଘର ଚାଲୁଥିଲା ତ ଦୁଇ ବଡ଼ବୋହୁ ନିଜ ନିଜ ସ୍ୱାମୀମାନଙ୍କ କର୍ମବିମୁଖତାକୁ ଅଣ୍ଟିରେ ପୁରାଇ ସାନବୋହୁର ତଣ୍ଟି ଚିପି ଅର୍ଥାତ ତାର ଛୋଟ ମୋଟ ଭୁଲ ଦର୍ଶାଇ ତା ସହ କଳିରେ ଲିପ୍ତ ରହିଥିଲେ। ସାନବୋହୁ ଥିଲା ଶିକ୍ଷିତ। ସେ ତା ଦୂରଦୃଷ୍ଟି ବଳରେ ଜାଣିପାରିଥିଲା ସଂସାରରେ ଥିବା ତିନି ପ୍ରକାର ମଣିଷଙ୍କ ଭିତରୁ ଅଧମ ଥିଲେ ବଡ଼ ଦେଢ଼ଶୁର, ଘରର ବଡ଼ପୁଅ। ଯେକୌଣସି କାମ ହାତକୁ ନେବା ପୂର୍ବରୁ ଆସୁଥିବା ବିଘ୍ନ କଥା ଭାବି କାମକୁ ପଛେଇ ଯାଉଥିବା ଅଧମ ବ୍ୟକ୍ତି ଥିଲେ ସେ। ତାଙ୍କ ତଳ ଦେଢ଼ଶୁର କାମ ମଝିରେ କୌଣସି ବିଘ୍ନ ଆସିଲେ ତାର ମୁକାବିଲା ବା ଧର୍ଯ୍ୟ ଧରି କାମ ନକରି କାମ ପୁରା କରିବା ପୂର୍ବରୁ କାମ ଛାଡି ଦେଇଥାନ୍ତି। ସେଭଳି ଲୋକମାନଙ୍କୁ ମଧ୍ୟମ ବ୍ୟକ୍ତିତ୍ୱ କୁହାଯାଉଥିବା ବେଳେ ଯିଏ ଯେତେ ଝଡ଼ଝଞ୍ଜା ଆସିଲେ ମଧ୍ୟ ସାହାସର ସହିତ ବିପଦର ସାମ୍ନା କରେ ଓ ଡରି ନଯାଇ ବିଘ୍ନ ପ୍ରତିହତ କରିବା ସହ ସଫଳତା ପାଇବା ଯାଏଁ କାମ କରି ଚାଲେ ସେହି ବ୍ୟକ୍ତି ହିଁ ଉତ୍ତମ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାଏ।

ସାନବୋହୁର ଉକ୍ତି ଠିକ ହେଲେ ମଧ୍ୟ ଯିଏ ସବୁବେଳେ ସତ କହେ ପୁଣି ସେହି ସତ୍ୟ ଘରର କାହାକୁ ଅପ୍ରିୟ ଲାଗିପାରେ। ଦୁଇଯାଆ ସବୁବେଳେ ସାନବୋହୁକୁ ଖରାପ କହିବା ଓ କଳି କରିବା ଭିତରେ ସାନବୋହୁ ଭାବେ କଥାରେ ନୁହେଁ କାମରେ କିଛି କରିକି ଦେଖେଇବାକୁ ହେବ। ନିଜ ଗହଣା ବିକି ମୋଟା ଅଙ୍କର ପଇସା ଯୋଗାଡ଼ କରି ବଡ଼ ଭାଇଙ୍କ ହାତରେ ଦେଇ ପୁଣି ଜମିରେ ସୁନାଫଳେଇବାର ପ୍ରବୋଧନା ଦେଇ ନିଜ ଜମିରେ ଉନ୍ନତ ବିହନ ବୁଣି, ପାଣିମଡାଇ ସେବର୍ଷ ଖୁବ ଭଲ ଫସଲ ହେବା ଦେଖି ବଡଭାଇ କହିଥିଲେ ଭଗବାନଙ୍କ ଦୟାରୁ ଝଡ଼, ବାତ୍ୟା କି ବନ୍ୟା ହୋଇନାହିଁ ନଚେତ ସବୁ ଫସଲ ଉଜୁଡି ଯାଇଥାନ୍ତା। ସାନବୋହୁ କହିଥିଲା ଆମକୁ କ୍ଷତିପୁରଣ ମିଳିଥାଆନ୍ତା ଭାଇ। ବୀମାଟଙ୍କାରେ ଆମେ ପୁଣି ବିଲ ଚାଷ କରିଥାନ୍ତେ। ପରକୁ ପର ବର୍ଷ ମାନଙ୍କରେ ସେମିତି ବିଘ୍ନ ସବୁ ଆସିଥିଲେ ମଧ୍ୟ ସାନବୋହୁର ହିମ୍ମତ ପାଇ ବଡଭାଇ ଅନୁଭବ କରିଥିଲେ ସବୁ କିଛି ସମ୍ଭବ। ଏଣିକି ସେ ଫି ବର୍ଷ ଫସଲ କରୁଥିଲେ ତ ଶାଶୁ ଖୁବ ଖୁସିରେ ଶାମ୍ବ ଦଶମୀକୁ ଆରିଷା ପିଠା କାରିଥିଲେ।

ଏଥର ପୁଣି କିଛି ମୋଟା ଅଙ୍କର ପଇସା ଧରେଇ ଦ୍ୱିତୀୟ ଭାଇଙ୍କୁ ସାନବୋହୁ ଭରଷା ଓ ବିଶ୍ୱାସ ଦେଇ ପୁଣି ଦୋକାନ ଖୋଲିବାକୁ ପ୍ରବର୍ତ୍ତାଇ ରାଜି କରିଥିଲେ। ବାକି ଖାଇଖାଇ କରଜ ଦାମରେ ବୁଡି ଦୋକାନ ଯେ ପୁଣି ଚାଲିବ ଏ ବିଶ୍ୱାସ ନଥିଲା ଦ୍ୱିତୀୟ ଭାଇଙ୍କର କିନ୍ତୁ ଦେଖାଗଲା ଏଣିକି ସ୍ପଷ୍ଟ କଥା ସହ ବିନୟ ମଧୁର ବଚନ କହିବାରୁ ଦୋକାନ ଖାଲି ଚାଲୁ ହେଲା ନାହିଁ ବରଂ କଳେବର ବୃଦ୍ଧି ହୋଇଥିଲା। ସ୍ପଷ୍ଟ କଥା ଥିଲା ଗୋଟେ କାଗଜରେ ସାନବୋହୁ ଲେଖିଥିଲା ବାକି ଦିଆଯାଏ ନାହିଁ ଏହି ଦୋକାନରେ। ବାସ ପଇସା ଦେଇ କିଣିବା ଲୋକ କେବଳ ଆସୁଥିଲେ କିନ୍ତୁ ତେଲ ଲୁଣ ଗୁଜୁରାତି ଦୋକାନ ସହ ଜଳଖିଆ ଦୋକାନରେ ବଳି ପଡୁଥିବା ସଜ ଖାଦ୍ୟକୁ ଭୋକିଲା ମଣିଷ, ପଶୁ, ପକ୍ଷୀଙ୍କ ଭିତରେ ବାଣ୍ଟିବାରେ ଯୋଉ ଆନନ୍ଦ ମିଳୁଥିଲା ସାନବୋହୁକୁ ତାହା ଦେଖିବାର ଥିଲା। ପ୍ରଚାର ପ୍ରସାର ହୋଇ ବହୁ ଗରାଖ ମଧ୍ୟ ଛୁଟୁଥିଲେ ଦୋକାନର ଶ୍ରୀବୃଦ୍ଧି ବଢ଼ାଇ ତ ଧର୍ଯ୍ୟର ଫଳ ଏତେ ମିଠା ଜାଣି ଶାଶୁ ପାନଡାଲା ପାଖେ ବସି ପାନ ଭାଙ୍ଗି ଖାଇବା ସହ ବୋହୁମାନଙ୍କୁ ବାଣ୍ଟୁଥିଲେ ଖଣ୍ଡେ ଖଣ୍ଡେ ତ ସାନବୋହୁ ଶାଶୁଙ୍କ ହାତ ଭଙ୍ଗା ପାନଖିଲ ଖାଇ କହୁଥିଲା ମାଆଙ୍କ ହାତ ଭଙ୍ଗା ଖିଲିପାନ ଖାଇ ମତେ ରାଣୀ ପରି ଲାଗେ। ଏକଥାକୁ ନେଇ ବଡ଼ଯାଆମାନେ ଆଉ ସାନବୋହୁ ସଙ୍ଗେ କଳି ନକରି ବରଂ ସେମାନେ ପାନଖିଲ ଭାଙ୍ଗି ସାନଭଉଣୀ ଭଳି ସାନଯାଆ ଲିଲିକୁ ପାନ ଖଣ୍ଡେ ଖୁଆଇ ଯୋଗାଡ଼ କରୁଥିଲେ ସରସ୍ୱତୀ ପୂଜାକୁ ନୂଆ ଛାତଘରର ପ୍ରତିଷ୍ଠା ପାଇଁ ସମାନପତ୍ର। ଶାଶୁ କହୁଥଲେ ମୋ ତିନିବୋହୁଙ୍କୁ ନେଇ ଘର ମୋର ସ୍ୱର୍ଗ ତ ଦୁଇବଡ଼ଯାଆ କହୁଥିଲେ କାରଣ ଲିଲି ଭଳି ପାରିଜାତ ଆମ ସ୍ୱର୍ଗ ଅଗଣାରେ ଫୁଟିଛି। ଏଣିକି ଆଉ କଳି ନଥିଲା ବରଂ ମେଳି ଜମୁଥିଲା ସରସ୍ୱତୀ ପୂଜାରେ ଘର ପ୍ରତିଷ୍ଠା ପାଇଁ ଉତ୍ସବମୁଖର ହୋଇ।

*ସାକ୍ଷୀଗୋପାଳ, ପୁରୀ*
*ଦୂରଭାଷ : ୯୦୪୦୯୭୭୩୨୭*

# କାନଭାସ୍‌ରେ ପ୍ରତିଫଳିତ ଶାନ୍ତି ଓ ଐତିହ୍ୟର ବାର୍ତ୍ତା



ରବୀନ୍ଦ୍ର କୁମାର ମହାରଣା

ରଙ୍ଗ ଓ ତୂଳୀର ଯାଦୁକରୀ ସ୍ପର୍ଶରେ କାନଭାସର ନାୟିକା ଜୀବନ୍ତ ପରି ଦୃଶ୍ୟମାନ ହେଉଥିଲା। ତିନି ବର୍ଷର ଶିଶୁ ଠାରୁ ଆରମ୍ଭ କରି ୬୦ ବର୍ଷର ପେଶାଦାର ଚିତ୍ରକର ପର୍ଯ୍ୟନ୍ତ, କାଗଜର ଚିକ୍କଣ ପୃଷ୍ଠ ଭାଗ ଠାରୁ ଆରମ୍ଭ କରି କାନଭାସର ଖଡଡିଆ ପୃଷ୍ଠ ଭାଗ ପର୍ଯ୍ୟନ୍ତ ପେନସିଲର ରେଖାଚିତ୍ର ଉପରେ ମନ ମତାଣିଆ ରଙ୍ଗର ଛିଟକାରେ ଚମକି ଉଠୁଥିଲା କାଗଜ ଓ କାନଭାସର ପୃଷ୍ଠ ଭାଗ।ଭାରତୀୟ ତଥା ଉତ୍କଳୀୟ ଐତିହ୍ୟ, ପରମ୍ପରା ଓ ଶାନ୍ତି ବାର୍ତ୍ତାର ସମାନ୍ତରାଳ







ବିଷୟବସ୍ତୁ ଆଧାରରେ ନେପାଳ, ଆମେରିକା, ଇଜିପ୍ଟ, ବାଂଲାଦେଶ, କୋରିଆ ଓ ଇଣ୍ଡୋନେସିଆର ଦକ୍ଷ ଚିତ୍ରକରଙ୍କ କଳା ସମ୍ଭାର ଚିତ୍ରକଳା ଶିବିର ପ୍ରଦର୍ଶନୀର ଶୋଭା ଦ୍ୱିଗୁଣିତ କରିବା ପରି ଚିତ୍ରମୟ ପରିବେଶ ସୃଷ୍ଟି କରୁଥିଲା। ଧଉଳି ଶାନ୍ତି ସ୍ତୁପର ପାଦ ଦେଶରେ ଦଣ୍ଡାୟମାନ ଧଉଳି ଚାରୁକଳା ମହାବିଦ୍ୟାଳୟର ପ୍ରବେଶ ପଥର ହସ୍ତଶିଳ୍ପ ବଜାର ପରିସର ରାଜୁ ଭୋଇଙ୍କ ସ୍କ୍ରପମେଟାଲରେ ଓଡ଼ିଆ ଓଡିଆ ଚାଷୀଙ୍କ ଶଗଡ ଓ ସୁନିଲ ମିଶ୍ରଙ୍କ କାଉ ଓ ମାଠିଆ ଗଛକୁ ନେଇ ପ୍ରଦର୍ଶିତ ଇନଷ୍ଟଲେଶନ କଳା ସମସ୍ତ ଚିତ୍ରଶିଳ୍ପୀ, ଚିତ୍ରପ୍ରେମୀ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା।ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ତଥା ଶିଳ୍ପୀ ଗୁରୁ ବିଜୟ କୁମାର ପରିଡା, ରବୀନ୍ଦ୍ର କୁମାର ମହାରଣା ଓ ଅବନ୍ତୀ ମହାରଣାଙ୍କ ପାରମ୍ପରିକ ଚିତ୍ରକଳା ଠାରୁ ଆରମ୍ଭ କରି ନେପାଳର ଚିତ୍ରଶିଳ୍ପୀ ସୁବାସଙ୍କ ସୂକ୍ଷ୍ମକଳା ,ଭାସ୍କର୍ଯ୍ୟ ଶିଳ୍ପୀ ନରୋତ୍ତମ ଦାସଙ୍କ ଭାସ୍କର୍ଯ୍ୟ କଳାରେ ଶାନ୍ତି ଓ ଐତିହ୍ୟର ବାର୍ତ୍ତା ଗୁଞ୍ଜରି ଉଠୁଥିଲା। ମଞ୍ଚ ଉପରେ ଶିଳ୍ପୀଙ୍କ କଳାମୟ ଓ ଜଞ୍ଜାଳମୟ ଜୀବନର ସଂକ୍ଷିପ୍ତ କାହାଣୀ ସହ ଅତିଥିଙ୍କ କଳା ସମ୍ବନ୍ଧୀୟ ଅଭିଭାଷଣ, କଳା ସମୀକ୍ଷକଙ୍କ କଳା ଓ କଳାକାରଙ୍କ ଉପରେ ସମୀକ୍ଷା ଏବଂ କୁନି ନୃତ୍ୟଶିଳ୍ପୀ ମାନଙ୍କ ନୂପୁରର ଗୁଞ୍ଜରିତ ଶବ୍ଦ, ଗାୟକଙ୍କ ମୁଖ ନିଃସୃତ କଣ୍ଠ ସ୍ୱର ପରିବେଶକୁ କୋଳାହଳମୟ କରିଦେଇଥିଲା।

ଭାରତର ଓଡ଼ିଶା ସମେତ ଆନ୍ଧ୍ରା ପ୍ରଦେଶ, ପଶ୍ଚିମ ବଙ୍ଗ, କେରଳ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଇଜିପ୍ଟ, ଆମେରିକା, ନେପାଳ, ବଙ୍ଗଳା ଦେଶ, କୋରିଆ ଓ ଇଣ୍ଡୋନେସିଆ ପରି ଛଅଟି ଦେଶର ୭୦ ଜଣ ସୁଦକ୍ଷ ଚିତ୍ରଶିଳ୍ପୀଙ୍କ ଭାତୃତ୍ୱ ବନ୍ଧନର କଳାମୟ ଭାବାବେଗକୁ ଶବ୍ଦର ଫୁଲମାଳରେ ସଜାଇଛନ୍ତି ଶିବିରରେ ଅଂଶ ଗ୍ରହଣ କରିଥିବା ପାରମ୍ପରିକ ଶିଳ୍ପୀ ତଥା କଳା ଶିକ୍ଷକ



ରବୀନ୍ଦ୍ର କୁମାର ମହାରଣା। ଅବସର ଥିଲା ଶାନ୍ତି ସ୍ତୁପ ଧଉଳିଗିରି ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ହସ୍ତଶିଳ୍ପ ବଜାର ପରିସରରେ ଷଷ୍ଠ ଅର୍ନ୍ତଜାତୀୟ କଳା ମହୋତ୍ସବ -୨୦୨୫।

ଫେବୃଆରୀ ୨୩ ତାରିଖ ଠାରୁ ଆରମ୍ଭ ହୋଇଥିବା ଷଷ୍ଠ ଅର୍ନ୍ତଜାତୀୟ ଧଉଳି କଳା ମହୋତ୍ସବର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡନାୟକ ଯୋଗଦେଇ ବିଭିନ୍ନ ଦେଶରୁ ଆସିଥିବା ଶିଳ୍ପୀଙ୍କ କଳା ଗାରିମାକୁ ଭୂୟସୀ ପ୍ରଶଂସା କରିବା ସହିତ ସୃଜନଶୀଳ ଚିତ୍ର ଗୁଡ଼ିକୁ ବୁଲି ଦେଖିଥିଲେ। ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ରଫେସର ହୃଷିକେଶ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ





ପୁରସ୍କାର ବିତରଣ ସଭାରେ ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲି. ର ଉପାଧ୍ୟକ୍ଷ ବିଭୁ ପ୍ରସାଦ ମିଶ୍ର, ବି. ଆଁ. ଏମ୍ ଇନିଷ୍ଟିଚୁଟର ସମ୍ପାଦିକା ସସ୍ମିତା ମହାନ୍ତି,ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ପ୍ରମୁଖ ଯୋଗଦେଇ ଷଷ୍ଠ ଅନ୍ତର୍ଜାତୀୟ କଳା ମହୋତ୍ସବକୁ ଉଦ୍ଘାଟନ କରିବା ସହ ମହୋତ୍ସବ ଦ୍ୱାରା ଆମ ଶିଳ୍ପୀ ମାନଙ୍କ କଳା ଚାତୁର୍ଯ୍ୟ ଓଡ଼ିଶା ବାହାରେ ପ୍ରଚାର ଓ ପ୍ରସାର ହୋଇପାରୁଛି ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହିତ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏହି କଳା ଉତ୍ସବରେ ଭାରତ ସହିତ ଇଜିପ୍ଟ, ଆମେରିକା, ନେପାଳ, ବାଂଲାଦେଶ, କୋରିଆ ଓ ଇଣ୍ଡୋନେସିଆ ଆଦି ୭ ଟି ଦେଶରୁ ୭୦ ଜଣ ଚିତ୍ର ଶିଳ୍ପୀ ଅଂଶଗ୍ରହଣ କରି ବିଶ୍ୱଶାନ୍ତି ଓ ଆମ ଐତିହ୍ୟ କୁ ନେଇ ନିଜ ନିଜ ସୃଜନଶୀଳ ଚିତ୍ର କାନଭାସରେ ଅଙ୍କନ କରିଥିଲେ।ଉତ୍ସବ ଅବସରରେ କଳା କ୍ଷେତ୍ରରେ ଆଜୀବନ ସାଧନା ପାଇଁ ଅଦ୍ୱୈତ ଚରଣ ଗଡନାୟକଙ୍କୁ 'କଳାଶ୍ରୀ', ହାଇଦରାବାଦର ଏମ୍ ରମେଶ,ଝାଡ଼ଖଣ୍ଡର ସରୋଜ କୁମାର ମିଶ୍ର, କଲିକତାର ଉମେଶ ଚନ୍ଦ୍ର ବେରା ଓ ଓଡ଼ିଶାର ଡ଼. ଚକ୍ରଧର ବେହେରାଙ୍କୁ 'ଭୁବନେଶ୍ୱର କଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ସେହିପରି ୨୩ ତାରିଖରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ରଫେସର ହୃଷିକେଶ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କଳା ମହୋତ୍ସବରେ ମୁଖ୍ୟ ଅତିଥି ରୂପେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ପଦ୍ମଶ୍ରୀ ବିନୋଦ ମହାରଣା,ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଧଉଳି ସରପଞ୍ଚ ଚନ୍ଦନ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଷଷ୍ଠ ଆନ୍ତର୍ଜାତୀୟ କଳା ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ସହିତ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ ।ଶିଳ୍ପୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଅନେକ ଚିତ୍ରକଳା, ଭାସ୍କର୍ଯ୍ୟ କଳା, ମୁଦ୍ରଣ କଳା, ଓଡ଼ିଶାର ପାରମ୍ପାରିକ ପଟ୍ଟଚିତ୍ର ଓ ଇନଷ୍ଟଲେସନ୍ ଆର୍ଟ ଏହି କଳା ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ଉତ୍ସବରେ ଦେଶ ବିଦେଶରୁ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଚିତ୍ରକୁ ନେଇ ଏକ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ ସହ ସୁଦକ୍ଷ ଚିତ୍ରଶିଳ୍ପୀ ଓ ଶିଶୁ ଚିତ୍ରଶିଳ୍ପୀଙ୍କ ପ୍ରଦର୍ଶନୀରେ ସ୍ଥାନିତ ଚିତ୍ରକୁ ନେଇ ଏକ ରଙ୍ଗୀନ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ପ୍ରଦର୍ଶନୀରେ ୧୪୦୦ ଶିଶୁ ଚିତ୍ରଶିଳ୍ପୀଙ୍କ ଚିତ୍ର ପ୍ରଦର୍ଶିତ ହୋଇଅଛି। କୃତି ଶିଶୁ ଶିଳ୍ପୀମାନଙ୍କୁ ଉତ୍ସବ ଅବସରରେ ପୁରସ୍କୃତ କରାଯିବା ସହିତ କୃତି କଳା ଶିକ୍ଷକ ଭାବରେ ପୁରୁଲିଆର ପ୍ରତାପ ପ୍ରସାଦ, ଭୁବନେଶ୍ୱରର ରବି ନାରାୟଣ ବାନିକ ମହୋଦୟଙ୍କୁ 'କଳା ଆଚାର୍ଯ୍ୟ' ସମ୍ମାନ ପ୍ରଦାନ କରାଯାଇଥିଲା ଏବଂ ଶିଶୁ କଳାକାର ମାନଙ୍କୁ ପ୍ରୋତ୍ସାହନ ଦେଉଥିବା ମଦର ପବ୍ଲିକ ସ୍କୁଲ, ବିଜେଇଏମ ସ୍କୁଲ ଏବଂ ସଂସ୍କାର କଳା, ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ କୁ ଶ୍ରେଷ୍ଠ ବିଦ୍ୟାଳୟ ଭାବରେ ପୁରସ୍କୃତ କରାଯାଇଥିଲା। ଉତ୍ସବର ପ୍ରାରମ୍ଭରେ 'ଭାରତ ବିଶ୍ୱଗୁରୁ ଓ ବିଶ୍ୱ ଶାନ୍ତି' ବିଷୟବସ୍ତୁ ଉପରେ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ କଳା ଓ କଳାକାରଙ୍କ ଉପରେ ସ୍ଲାଇଡ୍ ଶୋ ପ୍ରଦର୍ଶିତ ହେବା ସହ ପ୍ରଧାପକ ପ୍ରବୀର୍ ଦଲାଇଙ୍କ ଦ୍ୱାରା ସମସାମୟିକ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳା ଉପରେ ଏକ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ରବୀନ୍ଦ୍ର କୁମାର ମହାରଣାଙ୍କ ସଂଯୋଜନାରେ ଶିବିରାଗ୍ନି ଉତ୍ସବକୁ ଅଧ୍ୟକ୍ଷ ଡ଼ଃ ପଞ୍ଚାନନ ସାମଲ ଉଦ୍ଘାଟନ କରିଥିଲେ ଓ ଅଂଶ ଗ୍ରହଣକାରୀ ଶିଳ୍ପୀ, ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଗାମୀ ଦିନରେ ଭାରତ ସମେତ ଅନ୍ୟ ଦେଶରେ ମଧ୍ୟ ଏପରି କଳା ମହୋତ୍ସବ ଆୟୋଜନ କରି ଓଡ଼ିଶାର କଳା ଓ ସଂସ୍କୃତି ସହ ଐତିହ୍ୟର ପ୍ରସାର ପାଇଁ ସଦା ଚେଷ୍ଟିତ ବୋଲି ଆୟୋଜକ କଳା ମହୋତ୍ସବର ଅଧ୍ୟକ୍ଷ ମତବ୍ୟକ୍ତ କରିଛନ୍ତି।











*କଳା ଶିକ୍ଷକ ତଥା ପାରମ୍ପରିକ ଚିତ୍ରଶିଳ୍ପୀ*
*ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨, ସତ୍ୟଭାମାପୁର, ଭୁବନେଶ୍ୱର*

### ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କଲେ ମନ୍ତ୍ରୀ

# ରାଜ୍ୟବାସୀଙ୍କୁ ଉନ୍ନତ ଭିତ୍ତିଭୂମି ଯୋଗାଇ ଦେବାକୁ ଆମେ ପ୍ରତିବଦ୍ଧ

**ଭୁବନେଶ୍ୱର :** ପୂର୍ତ୍ତ ବିଭାଗ ଅଧୀନରେ ଥିବା ୧୦୦ କୋଟିରୁ ଅଧିକ ପ୍ରକଳ୍ପ ମୂଲ୍ୟର ରାସ୍ତାଘାଟ, ସେତୁ ତଥା କୋଠାବାଡ଼ି ଆଦି କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍‌ଠାରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସରକାର ରାଜ୍ୟବାସୀଙ୍କୁ ଉନ୍ନତ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ତେଣୁ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତ୍ତା ନେଇ ସାଲିସ କରାଯିବ ନାହିଁ। ଏଥି ପାଇଁ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ, ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିୟମିତ କାର୍ଯ୍ୟର ତଦାରଖ ସହ ପ୍ରତି ମାସରେ



କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଠିକା ସଂସ୍ଥାଙ୍କ ସମସ୍ୟାର ସମାଧାନ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀ ଉଦ୍ୟମ ଜାରି ରଖିବେ। ସେହିଭଳି କାର୍ଯ୍ୟଭାର ନେଇଥିବା ଏଜେନ୍ସି ଅବା ଠିକା ସଂସ୍ଥା ନିଜର ମାନବସମ୍ବଳ ଓ ଜ୍ଞାନକୌଶଳକୁ ଉପଯୋଗ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ଚେଷ୍ଟା କରିବେ। ତେବେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତ୍ତା ନେଇ କୌଣସି ସଂସ୍ଥା ବିରୋଧରେ ଅଭିଯୋଗ ଆସିଲେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେବେ ବି ପଛଘୁଞ୍ଚା ଦେବେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି। ସେହିଭଳି ଆଗାମୀ ଦିନରେ ପ୍ରକଳ୍ପ କାର୍ଯ୍ୟାଦେଶ ପ୍ରଦାନ ସମୟରେ ପୂର୍ବ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଜଗତସିଂହପୁର, ଯାଜପୁର, ଜୟପୁର ବାଇପାସ୍ ରାସ୍ତା ସମେତ ବିଭିନ୍ନ ପ୍ରମୁଖ ରାସ୍ତା, କୋରାପୁଟ ହସ୍‌ପିଟାଲ, ଜୟପୁର ହସ୍‌ପିଟାଲ, ଯାଜପୁର ହସ୍‌ପିଟାଲ ଏବଂ କ୍ୟାପିଟାଲ ହସ୍‌ପିଟାଲ୍‌ର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ସମେତ ବିଭିନ୍ନ କୋଠାବାଡ଼ି ପ୍ରକଳ୍ପର ଅଗ୍ରଗତି ନେଇ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟରେ ବିଭିନ୍ନ ନଦୀ ଉପରେ ଥିବା ହାଇଲେବୁଲ ସେତୁର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବିଭାଗୀୟ ଅଧିକାରୀ, ଇଞ୍ଜିନିୟର ଓ ଠିକା ସଂସ୍ଥାଙ୍କଠାରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଚାରି ବୁଝିଥିଲେ। ଏହି ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗ ଶାସନ ସଚିବ ବୀର ବିକ୍ରମ ଯାଦବ, ଇଆଇସି (ସିଭିଲ୍) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଏଲ୍.କେ. ପାଢ଼ୀ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତାଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଠିକା ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ।

### ଦୋଳ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ

# ସକାଳ ୮ରୁ ସାଢ଼େ ୯ ମଧ୍ୟରେ ମହାପ୍ରଭୁଙ୍କ ସୁନାବେଶ

**ପୁରୀ:** ଆସନ୍ତା ୧୪ ତାରିଖରେ ଦୋଳ ପୂର୍ଣ୍ଣିମା। ଏହି ଦିନ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ସକାଳ ୮ଟାରୁ ସାଢ଼େ ୯ଟା ମଧ୍ୟରେ ଦାରୁବିଗ୍ରହ ଏହି ଦୁର୍ଲଭ ବେଶରେ ସଜେଇ ହେବେ। ତେଣୁ ଦୋଳପୂର୍ଣ୍ଣିମା ଏବଂ ଏହା ପୂର୍ବଦିନ ହେବାକୁ ଥିବା ମେଣ୍ଢାପୋଡ଼ି ନୀତି କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେଥିଲାଗି ଗୁରୁବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ମାର୍ଚ୍ଚ ୧୩ ତାରିଖରେ ମେଣ୍ଢାପୋଡ଼ି ନୀତିକୁ ସଅଳ ସାରି ରାତି ୧୨ଟାରେ ରାତ୍ର ପହୁଡ଼ କରାଯିବ। ରାତ୍ର ୩ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ। ୧୪ ତାରିଖ ପୂର୍ବାହ୍ନ ୧୦ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ। ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ବେଢ଼ା ପରିକ୍ରମା କରିସାରିବା ପରେ ଦୋଳବେଦୀକୁ ବିଜେ କରିବେ। ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ସରିବା ପରେ ଅପରାହ୍ଣ ସାଢ଼େ ୧ଟା ସୁଦ୍ଧା ଭୋଗମଣ୍ଡପ ଶେଷ ହେବ। ରାତ୍ର ୯ଟାରେ ଦୋଳବେଦୀ ନୀତି ସାରି ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଅନ୍ୟାନ୍ୟ ନୀତି ବଢ଼ି ରାତି ୧୦ଟା ୩୫ରୁ ୧୨ଟା ମଧ୍ୟରେ ଦାରୁବିଗ୍ରହଙ୍କ ସୁନାବେଶ ମଇଲମ ବା ଓଲାଗି କରାଯିବ। ଏହାପରେ ଅନ୍ୟ ନୀତି ସମ୍ପନ୍ନ ହୋଇ ରାତ୍ର ୩ଟା ୪୫ରେ ରାତ୍ର ପହୁଡ଼ ହେବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ସେହିପରି ବୈଠକରେ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବା ନେଇ ଆଲୋଚନା କରାଯାଇଛି। ନିର୍ଘଣ୍ଟ ସମୟରେ ନୀତିକାନ୍ତି ଚାଲିଲେ, ଦର୍ଶନ ବ୍ୟବସ୍ଥା ବି ଶୃଙ୍ଖଳିତ ହେବ। ତେଣୁ ଏହା ଉପରେ ଗୁରୁତ୍ୱ ଦେବାକୁ ସବୁ ନିଯୋଗଙ୍କୁ ଅବଗତ କରାଯାଇଛି। ଦୈନନ୍ଦିନ ନୀତିକାନ୍ତି ହେଉ ବା ସ୍ୱତନ୍ତ୍ର ପର୍ବପର୍ବାଣି ପାଇଁ ଯେଉଁ ସମୟ ନିର୍ଘଣ୍ଟ କରାଯାଉଛି, ସେହି ସମୟରେ ନୀତି ସମ୍ପନ୍ନ କରିବାକୁ ସେବାୟତଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ଏସ୍ପି ବିନିତ ଅଗ୍ରୱାଲ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଓ ବରିଷ୍ଠ ସେବାୟତ ପ୍ରମୁଖ ଯୋଗ ଦେଇଥିଲେ।

### ଜିମ୍ ଯନ୍ତ୍ରାଂଶ କିଣାରେ ସାଂଘାତିକ ଘୋଟାଲା

# ନଗର ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସରେ ଅଭିଯୋଗ

**କଟକ :** କଟକ ମହାନଗର ନିଗମ (ସିଏମ୍‌ସି)ରେ ଓପନ୍ ଜିମ୍ ନିର୍ମାଣ ଆଳରେ ଜିମ୍ ଯନ୍ତ୍ରାଂଶ କିଣାରେ ହୋଇଛି ସାଂଘାତିକ ଘୋଟାଲା। ୨୦୨୨ ମସିହାରେ କିଣା ହୋଇଥିବା ଦେଢ଼ କୋଟିର ଜିମ୍ ଯନ୍ତ୍ରାଂଶର ମାତ୍ର ୪୦ ପ୍ରତିଶତ ବ୍ୟବହାର ହୋଇ ବାକି ୬୦ ପ୍ରତିଶତ ଖତ ଖାଉଛି। ସେଠାରେ ପୁଣି ୨୦୨୪ ମସିହାରେ କାର୍ଯ୍ୟାଦେଶ ଦେଇ ବର୍ଷକ ପରେ ଏବେ କିଣା ହେଉଛି ୫ କୋଟିର ଜିମ୍ ଯନ୍ତ୍ରାଂଶ। ତାହା ପୁଣି କାଉନ୍‌ସିଲ୍ ଓ ଷ୍ଟାଣ୍ଡିଂ କମିଟିର ବିନା ଅନୁମୋଦନରେ ସିଟି ଇଞ୍ଜିନିୟର ତଥା ନଗର ଯନ୍ତ୍ରୀ ନିର୍ଦ୍ଦିଷ୍ଟ ସଂସ୍ଥାରୁ ୫ କୋଟିର ସାମଗ୍ରୀ କିଣିବାକୁ କାର୍ଯ୍ୟାଦେଶ ଦେଇଛନ୍ତି। ଯାହା ସରକାରୀ ନିୟମକୁ ଉଲ୍ଲଙ୍ଘନ କରୁଥିବାରୁ ନଗର ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସରେ ଲିଖିତ ଅଭିଯୋଗ କରାଯାଇଛି। ତେବେ ମୁଖ୍ୟ କଥା ହେଉଛି, ଏଭଳି ଅନିୟମିତତା ବାରମ୍ବାର ସାମ୍ନାକୁ ଆସୁଥିବାବେଳେ କାହା ଇଙ୍ଗୀତରେ କୋଟି କୋଟି




ଟଙ୍କା ଅପବ୍ୟୟ ହେଉଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରର ବିଭିନ୍ନ ପାର୍କ ଓ ଖୋଲା ସ୍ଥାନରେ ନିଗମ ପକ୍ଷରୁ ଜିମ୍ ଯନ୍ତ୍ରାଂଶ ଖଞ୍ଜାଯାଉଛି। ଏଥିପାଇଁ ନିଗମ ପ୍ରଥମେ ୨୦୨୨ ମସିହା ମେ ମାସରେ ଚିଠି ନମ୍ବର ୮୧୬୪ ଦ୍ୱାରା ନାଗପୁରର ରାଜ୍ ଇକ୍ୟୁପ୍‌ମେଣ୍ଟ୍‌ସ୍‌ରୁ ୧୧ ପ୍ରକାରର ସମୁଦାୟ ୧୬୫ଟି ଯନ୍ତ୍ରାଂଶ କିଣିଥିଲା। ଯାହାର ମୂଲ୍ୟ ଏକ କୋଟି ୪୮ ଲକ୍ଷ ଟଙ୍କା ରହିଥିଲା। ସଂସ୍ଥା ପକ୍ଷରୁ ୨୦୨୨ ଡିସେମ୍ବର ସୁଦ୍ଧା ମାତ୍ର ୪୦ ପ୍ରତିଶତ ସହରରେ ଲଗାଯାଇଥିଲା । ବାକି ୬୦ ପ୍ରତିଶତ ତଥା ୯୯ଟି ଯନ୍ତ୍ରାଂଶ ବର୍ତ୍ତମାନ ସୁଦ୍ଧା ସିଏମ୍‌ସି ଷ୍ଟୋର ରୁମ୍‌ରେ ଖତ ଖାଉଛି। ଏଭଳି ସ୍ଥିତିରେ ସିଏମ୍‌ସି ନଗର ଯନ୍ତ୍ରୀ ଇଂ ଅତନୁ ସାମନ୍ତ କାଉନ୍‌ସିଲ୍ ବିନା ଅନୁମୋଦନରେ ପୁଣି ୨୦୨୪ ମସିହା ଫେବ୍ରୁଆରୀରେ ଚିଠି ନମ୍ବର ୧୩୯୧(ପିଡବ୍ଲୁ)ରେ ଉକ୍ତ ସଂସ୍ଥାକୁ ୫କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏଥିରେ ପୁଣି ୫୫୫ଟି ଯନ୍ତ୍ରାଂଶ ଦେବାକୁ କୁହାଯାଇଛି। ଯାହାର ମୂଲ୍ୟ ହେଉଛି ସମୁଦାୟ ୫କୋଟି ଟଙ୍କା। ଏହି କାର୍ଯ୍ୟାଦେଶ ବଳରେ ଅଳ୍ପ କିଛି ଯନ୍ତ୍ରାଂଶ ଆସିଛି। ଏଠାରେ ସବୁ ନିୟମକୁ ଦଳି ମକଚି ଦେଇ ନଗର ଯନ୍ତ୍ରୀ ଶ୍ରୀ ସାମନ୍ତ ୫ କୋଟି ଟଙ୍କାର କାର୍ଯ୍ୟାଦେଶ ଠିକା ସଂସ୍ଥାକୁ କିଭଳି ଦେଲେ ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି। ସେହିପରି ସହରବାସୀଙ୍କ ପକ୍ଷରୁ ଭିଜିଲାନ୍ସରେ ନଗର ଯନ୍ତ୍ରୀ ଶ୍ରୀ ସାମନ୍ତଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସରକାରୀ ଅର୍ଥକୁ ମନ ଇଚ୍ଛା ଖର୍ଚ୍ଚ ଉପରେ ରୋକ୍ ଲଗାଇବାକୁ ଅଭିଯୋଗ ପତ୍ରରେ ସହରବାସୀ ଦାବି କରିଛନ୍ତି।

# ପ୍ରତି ପଞ୍ଚାୟତର ବିକାଶ ଆମର ଦାୟିତ୍ୱ : ମନ୍ତ୍ରୀ

**ଭୁବନେଶ୍ୱର :** ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ମିଳନୀ କକ୍ଷରେ ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସରକାରଙ୍କ ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ପ୍ରତିଟି ଗ୍ରାମପଞ୍ଚାୟତର ବିକାଶ ବିଭାଗର ଉତ୍ତରଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ମେଗା ପାଇପ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନେଇ ସବିଶେଷ ସମୀକ୍ଷା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେରେ ଯେପରି ଉଚିତ ତଥ୍ୟ ସଂଗ୍ରହ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇପାରିବ ସେଥିପ୍ରତି ଯନିବାନ ହେବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।



ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରି ବହୁମୁଖୀ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ମାନ୍ୟବର ମନ୍ତ୍ରୀ କହିଥିଲେ। ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ସମସ୍ତ ନଳକୂପର ଆଗୁଆ ମରାମତି ସହ ଏଗୁଡ଼ିକର ରକ୍ଷଣାବେକ୍ଷଣ, ପାନୀୟ ଜଳ ଯୋଗାଣ, ନୂତନ ନଳକୂପ ଖନନ ଉପରେ ସବିଶେଷ ଆଲୋଚନା ହୋଇଥିଲା। ଏଥି ସହ ଆନ୍ତ୍ୟୋଦୟ ଗୃହ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପ୍ରକ୍ରିୟା ବିଷୟରେ ମାନ୍ୟବର ମନ୍ତ୍ରୀ ଦିଗ୍‌ଦର୍ଶନ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଏସ୍. ଏନ୍. ଗିରୀଶ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ପାନୀୟ ଜଳ ନିର୍ଦ୍ଦେଶକ ଭିନିତ୍ ଭାରଦ୍ୱାଜ, ଅତିରିକ୍ତ ଶାସନ ସଚିବ ଚକ୍ରବର୍ତ୍ତି ସିଂ ରାଠୋର, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ସର୍ବୋଚ୍ଚ ଯନ୍ତ୍ରୀ, ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ସମସ୍ତ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀମାନେ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

### ନାବାଳିକାଙ୍କ ଗର୍ଭନଷ୍ଟ ସଂପର୍କରେ ହାଇକୋର୍ଟଙ୍କ ରାୟ

# ସ୍ୱତନ୍ତ୍ର ଏସ୍‌ଓପି ଜାରି କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ

**କଟକ :** ନାବାଳିକାଙ୍କ ଗର୍ଭ ନଷ୍ଟ ନେଇ ଥିବା ଆଇନଗତ ପ୍ରତିବନ୍ଧକ ତଥା ପ୍ରାଶାସନିକ ସମସ୍ୟା ଦୂର କରିବା ଉଦ୍ଦେଶ୍ୟରେ ହାଇକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବିଭିନ୍ନ କାରଣରୁ ଯେପରି ଅଯଥାରେ ସମୟ ଗଡ଼ିନଯିବ ଓ ପୀଡ଼ିତା ନାବାଳିକାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଠିକ୍ ରହିବ ସେଥିପାଇଁ ଗର୍ଭ ନଷ୍ଟ ସଂକ୍ରାନ୍ତରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକ ଏକ ବିସ୍ତୃତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) ଜାରି କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଏସ୍‌ଓପି ପ୍ରସ୍ତୁତିରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଏବଂ ସ୍ୱାସ୍ଥ୍ୟ ଆଇନ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ହାଇକୋର୍ଟ କହିଛନ୍ତି। ଦୁଷ୍କର୍ମ କାରଣରୁ ଗର୍ଭବତୀ ହୋଇଥିବା ଜଣେ ପୀଡ଼ିତା ନାବାଳିକାଙ୍କ ଗର୍ଭନଷ୍ଟ ପାଇଁ ତାଙ୍କ ବାପାଙ୍କ ପକ୍ଷରୁ



ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ରାୟରେ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ଏସ୍‌ଓପି ପ୍ରସ୍ତୁତ କରିବା ପରେ ରାଜ୍ୟ ସରକାର ଏହାକୁ ବିଜ୍ଞପ୍ତି ଆକାରରେ ପ୍ରକାଶ କରିବେ। ଏହି ଏସ୍‌ଓପିର କପି ପ୍ରତି ସରକାରୀ ଓ ଘରୋଇ ମେଡିକାଲ୍ ସମେତ ଥାନା ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯିବ। ସୁରକ୍ଷିତ ଓ ସହଜରେ ଯେଭଳି ଗର୍ଭନଷ୍ଟ ହୋଇପାରିବ, ଅଯଥାରେ ସମୟ ଅପଚୟକୁ କିଭଳି ରୋକାଯିବ, ଆଇନଗତ ସମସ୍ୟା କିଭଳି ନରହିବ ସେ ସଂପର୍କରେ ଏସ୍‌ଓପିରେ ସ୍ପଷ୍ଟ ମାର୍ଗଦର୍ଶନ ରହିବ। ପୀଡ଼ିତାଙ୍କ ମାନସିକ ସ୍ଥିତି ଠିକ୍ ରଖିବା ପାଇଁ ମାନସିକ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ନିଆଯିବ। ଏହି ଏସ୍‌ଓପି ଯେମିତି ଠିକ୍ ଭାବେ କାର୍ଯ୍ୟକାରୀ ହେବ ସେଥିପାଇଁ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଏହାର ସମୀକ୍ଷା କରିବ। ଆବଶ୍ୟକସ୍ଥଳେ ସଂଶୋଧନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇପାରିବ। ଆଗାମୀ ୬ ମାସ ମଧ୍ୟରେ ଏସ୍‌ଓପି ଜାରି କରିବାକୁ ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ବାପା ରୁଜୁ କରିଥିବା ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ତାଙ୍କ ଝିଅ ୧୩ବର୍ଷର। ସେ ସିକିଲ୍ ସେଲ୍ ରୋଗରେ ପୀଡ଼ିତ। ଦୁଷ୍କର୍ମ କାରଣରୁ ତାଙ୍କ ଝିଅ ଗର୍ଭବତୀ। ଦୁଷ୍କର୍ମ ପରେ ଅଭିଯୁକ୍ତ ଧମକଚମକ ଦେବାରୁ ପୀଡ଼ିତା ଏହି ଘଟଣା ସଂକ୍ରାନ୍ତରେ ପରିବାରକୁ ଜଣାଇନଥିଲେ। ବିଳମ୍ବରେ ଡାକ୍ତରଙ୍କୁ ଦେଖାଇବାରୁ ଗର୍ଭଧାରଣକୁ ୨୪ ସପ୍ତାହ ଟପି ଯାଇଥିଲା। ଅନ୍ୟପକ୍ଷରେ ଗର୍ଭ ନଷ୍ଟ ନେଇ ଆଇନଗତ ପ୍ରତିବନ୍ଧକ ଥିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ମେଡିକାଲ୍ ବୋର୍ଡ ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ମେଡିକାଲ୍ ବୋର୍ଡ ତୁରନ୍ତ ଗର୍ଭ ନଷ୍ଟ କରିବାକୁ ପରାମର୍ଶ ଦେଇଛନ୍ତି। ବୋର୍ଡର ପରାମର୍ଶ ମୁତାବକ ହାଇକୋର୍ଟ ପିଟିସନ୍‌କୁ ଗ୍ରହଣ କରିଛନ୍ତି। ଭବିଷ୍ୟତରେ ଯେପରି ଏଭଳି କ୍ଷେତ୍ରରେ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ ସେଥିପାଇଁ ଏସ୍‌ଓପି ଜାରି କରିବା ଲାଗି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି



**ନୂଆଦିଲ୍ଲୀ :** ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ହେବେ। ସୁପ୍ରିମକୋର୍ଟ କଲେଜିୟମ ମଙ୍ଗଳବାର ତାଙ୍କ ନିଯୁକ୍ତି ନେଇ ସୁପାରିଶ କରିଛି। ଜଷ୍ଟିସ୍ ହରିଶ ଟଣ୍ଡନ ବର୍ତ୍ତମାନ କୋଲକାତା ହାଇକୋର୍ଟରେ ବିଚାରପତି ଅଛନ୍ତି। ଜାନୁଆରୀ ୧୯ ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କ ଅବସର ପରେ ନୂତନ ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ନେଇ ଏହି ସୁପାରିଶ କରାଯାଇଛି। ଜଷ୍ଟିସ ଅରିନ୍ଦମ ସିହ୍ନ ବର୍ତ୍ତମାନ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅଛନ୍ତି। ଜଷ୍ଟିସ୍ ହରିଶ ଟଣ୍ଡନ କୋଲକାତା ହାଇକୋର୍ଟର ବିଚାରପତି ଭାବେ ୨୦୧୦ ଏପ୍ରିଲ୍ ୧୩ରେ ନିଯୁକ୍ତି ପାଇଥିଲେ।






# ଯୁବ ସାମ୍ବାଦିକ ଶରତ ପରିଡ଼ାଙ୍କୁ ସମ୍ମାନିତ କଲେ ବାଚସ୍ପତି

**ଭୁବନେଶ୍ୱର :** ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଓମେନ୍ସ ନାରୀ ସଂଗଠନ ପକ୍ଷରୁ ୨ ଦିନିଆ ରାଜ୍ୟସ୍ତରୀୟ ମାତୃ ସମ୍ମିଳନୀ ସରୋଜିନୀ ମହାନ୍ତିଙ୍କ ସଭାପତିତ୍ୱ ଓ ବାଚସ୍ପତି ସୁରମା ପାଢ଼ୀଙ୍କ କରକମଳରେ ସାମ୍ବାଦିକ ଭବନ, ମାଷ୍ଟର କ୍ୟାଣ୍ଟିନ୍ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଚିକିତ୍ସକ ଡା.ବିଶ୍ୱନାଥ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଂଯୋଜକ ଇଂ କୃଷ୍ଣପ୍ରସାଦ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଶ୍ରୀମତୀ ପାଢ଼ୀ ପୌରାଣିକ ଯୁଗରୁ ମା ସୁଭଦ୍ରାଙ୍କ ଠାରୁ ଆରମ୍ଭ କରି ସ୍ୱାଧିନତା ସମୟରେ ଝାଂସିରାଣୀ ଲକ୍ଷ୍ମୀବାଈ, ଶାରଳା ଦେବୀ, ରମା ଦେବୀ ଆଦିଙ୍କ ଭୂମିକା, ଆଧୁନିକ ଭାରତରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କର ରାଷ୍ଟ୍ରପାଇଁ ଅବଦାନର ସ୍ମରଣ



କରିଥିଲେ। ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ରକ୍ଷା କରି ମହିଳାମାନେ ରାଷ୍ଟ୍ର ଗଠନରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ସୁକିନ୍ଦା ବ୍ଲକର ପୂର୍ବତନ ଅଧ୍ୟକ୍ଷା ଭଗବତୀ ମହନ୍ତ, କବିତା ବାରିକ, ଅହଲ୍ୟା ମଲ୍ଲିକ, ଡ. ସୁଚିତା ରାଉତ, ଜୟଶ୍ରୀ ଜେନା, ଜାମ୍ବୋବତୀ ଭୋଇ, ଆଚାର୍ଯ୍ୟ ସୁଚେତା ଗୁପ୍ତା, ସୁରଜ ମହାକୁଡ଼ ଆଦି ଗଣ୍ୟମାନ୍ୟ ବ୍ୟକ୍ତିଗଣ ସଭାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ସଂକୀର୍ତ୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିଶୁ ପ୍ରତିଭା ବିସ୍ୱା ସୋନାଲି, ସୁସାହିତ୍ୟିକା ଅଞ୍ଜନା ଜେନା, ଆଦର୍ଶ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସମାଜସେବୀ ମଧୁସ୍ମିତା ମହାନ୍ତି ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ଅସ୍ତରଙ୍ଗ ପ୍ରେସ କ୍ଲବର ସଭାପତି ବରିଷ୍ଠ ସମ୍ବାଦିକ ଶରତ କୁମାରଙ୍କୁ ମହିଳା ଦିବସରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ସାମ୍ବାଦିକ ଜୀବନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ କଳିଙ୍ଗ ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ କୃତି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିବାରୁ ଅନୁଷ୍ଠାନର ସଭାନେତ୍ରୀ ସରୋଜିନୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।







Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**